ISSN 2976-9329

# ସୃଜନ SRUJAN
## The Creativity Journal

**2023, Volume 3, Issue 3**



SRUJAN
The Creativity Journal
ISSN 2976-9329

***Editor-in-Chief***
Prof Nilamadhab Kar

***Editorial board***
Prof Sarat Chandra Rath
Prof Nandini Sahu
Dr Suresh Rath
Prof Tanmay Panda
Mr Pravat Ranjan Beura
Mrs Nirupama Kar
Mona Dash
Mr Bijay Biswaal
Dr Chinmayi Nath
Dr Suryasnata Tripathy
Mona Lisa Jena
Dr Dinabandhu Sahoo
Shri Harish Chandra Kar
Shri Satya Pattanaik
Dr Aloke Patnaik
Prof Prasanta Kumar Panda

**Regional Representatives**
Tapan Panda – America
Satyadeep Acharya – Australia
Pritisikta Panda – Europe
Antaryami Upadhyaya – UK

**Distinguished reviewers**
Padarabinda Rath
Naresh Chandra Sahoo

**Creative Support**
Shreyan Kar
GenX studios

**Administrative support**
Gaye Johnson

---

**Publisher:** The Institute of Insight, UK
**Place of publication:** Epsom, London, UK
**Contact:** Srujan, 60 Highfield Drive, Epsom, KT19 0AP, London, UK
**Sponsor:** Quality of Life Research and Development Foundation (QoLReF)
**Submit articles at:** srujan.journal@gmail.com

Copyright of all published material in this journal is held by the authors. Articles are open-access, distributed under the terms [CC BY-NC] which permits unrestricted use, distribution, and reproduction in any medium, provided the original author and source are credited. Please inform any concerns related to copyright or ethical issues to the authors and editors. Permission is required for commercial use of the articles.

2023, Volume 3, Issue 3

# Contents


| | | |
|---|---|---|
| **Srujan** | **Jayanta Mahapatra – a dedication** | **1** |
| **Jayanta Mahapatra** | **Hunger** | **3** |
| | **Her hand** | **4** |
| | **Dawn at Puri** | **5** |
| | **Of that love** | **6** |
| | **The Indian way** | **7** |
| **Prasanta Kumar Panda** | **Statues of curse** | **8** |
| | **From a dead end of our nation's soul** | **9** |
| | **Cry mercy cry democracy** | **10** |
| ରବି ଶତପଥୀ | ଆକାଶ | **11** |
| | ପକ୍ଷୀ | **12** |
| | ବର୍ଷା | **13** |
| ବିଜୟଲକ୍ଷ୍ମୀ ପଟ୍ଟନାୟକ | ଜନମ ମରଣ | **14** |
| | ଅଧିର ମଳୟ | **15** |
| | ନବ ଘନ ମେଘ | **16** |
| ସୁମିତ୍ରା ମିଶ୍ର | ଆତ୍ମ ମଗ୍ନ | **17** |
| | ଅମଡ଼ା ବାଟ | **18** |
| | ଭାବାବେଗ | **20** |
| **Saroj Kar** | **Birds at Bhitarkanika** | **23** |
| ତ୍ରିନାଥ ସିଂହ | ଶେଷଗାଡ଼ିରେ | **30** |
| | ଲୋହିତଗଳିର ଝିଅ | **31** |
| | ରାଜ ଅଭିଷେକ | **32** |
| | ନକ୍ସା | **33** |
| ଚାର୍ଲସ ମାକେୟ<br>ଅନୁବାଦ: ହରିଶ୍ ଚନ୍ଦ୍ର କର | ଡିଇ ନଈ କୂଳର ମିଲର | **35** |
| ହରୀନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ<br>ଅନୁବାଦ: ହରିଶ୍ ଚନ୍ଦ୍ର କର | ଯଦିଓ ଜନମ ଆମର ଭିନ୍ନ ଭିନ୍ନ ଦେଶରେ | **38** |

| | | |
|---|---|---|
| ପି. ବି. ଶେଲୀ<br>ଅନୁବାଦ: ହରିଶ୍ ଚନ୍ଦ୍ର କର | ସମୟ ସ୍ରୋତରେ ତାହୁଁ ଅଗ୍ରତେ ପଶ୍ଚାତେ | 39 |
| ଏଚ. ଡବ୍ଲୁ. ଲଙ୍ଗଫେଲୋ<br>ଅନୁବାଦ: ହରିଶ୍ ଚନ୍ଦ୍ର କର | ଜୀବନର ସ୍ତୋତ୍ର | 40 |
| ମନୋଜ କୁମାର ମହାପାତ୍ର | ମୁହଁଟା ଯାକ ଜହ୍ନ? | 41 |
| ଇପ୍ସିତା ଷଡ଼ଙ୍ଗୀ | ଅପହଞ୍ଚ ଈଶ୍ୱର | 47 |
| | ଗାନ୍ଧୀ | 48 |
| | ମୁଁ: ନାରୀ | 49 |
| | ଦେବୀ | 50 |
| | ତିନୋଟି ଅବବୋଧ | 51 |
| କୁଞ୍ଜ ବିହାରୀ ସାହୁ | ଏକ ଅପାସୋରା ପ୍ରେମ | 52 |
| ଅଲେଖ ନନ୍ଦୀ | ଦ୍ୱିପଦୀ | 56 |
| ଶଶଧର ପତି | କଳା ସଦା ଜାଗ୍ରତ ଓ ଜୀବିତ ସତ୍ୟ | 59 |
| ଗୋଲକ ବିହାରୀ ଆଚାର୍ଯ୍ୟ | ପୂର୍ଣ୍ଣତା | 68 |
| | ସ୍ୱପ୍ନ | 69 |
| | ସମ୍ପର୍କ | 70 |
| ଫଣୀ ଭୂଷଣ ମହାନ୍ତି | ଫେରିଆସ ତମେ ଗୋପବନ୍ଧୁ | 71 |
| | ଶ୍ରାବଣୀ | 72 |
| | ଅଭିଶପ୍ତ କୋଣାର୍କ | 73 |
| ରମେଶ ଚନ୍ଦ୍ର ନାୟକ | ହେ ହାତୀ ଅଜା | 74 |
| | ଆସିଗଲା ଏବେ ବରଷା ଋତୁ | 75 |
| | ପରିବେଶ ବନ୍ଧୁ ଗଛ | 76 |
| ତପତି ପାଣିଗ୍ରାହୀ | ଗୌରବମୟୀ ଆମର ଏ ଉତ୍କଳ | 77 |
| | ନିଜକୁ ନିଜେ ସଜାଡ଼ିବା | 78 |
| | ଖୁସିରେ ଜୀବନ ଜିଇଁବା | 79 |
| **Subas Pradhan** | **Geo wonders of Iceland** | **80** |
| **Bandana Sahoo** | **Waiting for him** | **84** |
| | **Stale rose** | **85** |
| | **Once again** | **86** |
| ପୁସ୍ତକ ପରିଚୟ | | |
| ନୀଳକଣ୍ଠ ମିଶ୍ର | ବ୍ରିଟେନ୍‌ର ସମାଜ ଓ ସଂସ୍କୃତି | 87 |
| ଅଜୟ କୁମାର ମିଶ୍ର | ଓଡ଼ିଆ ଲୋକ ସଂସ୍କୃତି ଶବ୍ଦକୋଷ | 88 |

**Subas Pradhan**

**Srujan: The Creativity Journal**

**Cover page photo**
Sunset at a beautiful beach town
Perlan, Iceland

**Instruction for authors**

## Invitation of articles for Srujan: The Creativity Journal

This is an effort to put together a journal with the choicest creative articles in Odia Literature and creativity in other fields of artistic expressions linked to Odisha for an international readership; with an aim of propagating, promoting Odia literature and creativity worldwide.

Articles ('poem, short story, art, and other creative forms') are invited for the Srujan: The Creativity Journal. Please send your selected articles only. Submit one article at a time; for poems you can send up to 3 small poems. Do not send essays and critiques.

This is a multi-lingual journal accepting creative articles of translations from and to Odia from different languages; along with article from Odia people writing in other languages.

The journal considers pre-published articles if you have the copyright or the written permission from the original publishers.

Selection of all the submitted articles is done by a peer group, except the invited ones.

Please refer to the 'Instruction to authors' for more information about submission. All the articles should be submitted in Word file, (Unicode font, preferably Kalinga), author's name, address (place and state/country), bio in 100 words, email are essential. Submit to the email below.

The article should be the authors' own creation. Authors will remain responsible for any conflicts about their submission. Editorial board or the publishers will not have any liability.

Submit at: srujan.journal@gmail.com

## ସୃଜନ ପାଇଁ ଲେଖା

ଓଡ଼ିଆ ଭାଷା ଓ ସୃଜନ ସମ୍ଭାର ସବୁକୁ ନେଇ ସଂଯୋଜିତ ଏହି ପତ୍ରିକା ବିଶ୍ୱର ପାଠକପାଠିକାମାନଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ । ଓଡ଼ିଆ ସାହିତ୍ୟର ଓ କୀର୍ତ୍ତିସବୁର ପ୍ରଚାର ପ୍ରସାର ଏହାର ମୁଖ୍ୟ ଲକ୍ଷ୍ୟ ।

ଏହା ପାଇଁ ଆପଣ 'କବିତା', 'କ୍ଷୁଦ୍ରଗଳ୍ପ', 'ଚିତ୍ରକଳା', 'ଆଲୋକଚିତ୍ର' ଓ ଅନ୍ୟ ସର୍ଜନଶୀଳ ଲେଖା ପଠାଇପାରିବେ । ଆପଣ ନିଜର ସୁନିର୍ବାଚିତ ଲେଖାଗୁଡ଼ିକୁ ହିଁ ପଠାନ୍ତୁ । ଥରକେ ଗୋଟିଏ ଲେଖା ପଠାନ୍ତୁ; ତେବେ କବିତା ପାଇଁ ଥରକେ ତିନୋଟି ପର୍ଯ୍ୟନ୍ତ ଛୋଟ କବିତା ପଠାଇ ପାରିବେ । ନିବନ୍ଧ, ଆଲୋଚନା ଆଦି ପଠାନ୍ତୁ ନାହିଁ ।

ଏହା ବହୁ-ଭାଷିକ ପତ୍ରିକା । ଓଡ଼ିଆ କବି ଓ ଲେଖକ ନିଜର ଇଂରାଜୀ ଲେଖା, ଅନୁବାଦ ଲେଖା (ଓଡ଼ିଆରୁ ଅନ୍ୟଭାଷାକୁ ଓ ଅନ୍ୟ ଭାଷାରୁ ଓଡ଼ିଆକୁ ଅନୁବାଦ ହୋଇଥିବା ଲେଖା) ପଠାଇ ପାରିବେ ।

ପୂର୍ବ ପ୍ରକାଶିତ ଲେଖା ବି ପଠାଇ ପାରିବେ, ଯଦି ସେସବୁର ପୁନଃ ପ୍ରକାଶନ ପାଇଁ ଆପଣଙ୍କ ପାଖରେ କପିରାଇଟ ବା ପୂର୍ବ ପ୍ରକାଶକଙ୍କ ଠାରୁ ଲିଖିତ ଅନୁମତି ଥାଏ ।

ଆମନ୍ତ୍ରିତ ଲେଖାକୁ ଛାଡ଼ିଦେଇ, ପଠାଯାଇଥିବା ଅନ୍ୟସବୁ ଲେଖାଗୁଡ଼ିକର ଚୟନ ଏକ ଲେଖକ-ଲେଖିକା ଓ ପାଠକ ମଣ୍ଡଳୀ ଦ୍ୱାରା କରାଯାଏ ।

ଲେଖା ପଠାଇବା ପାଇଁ 'ଲେଖକୀୟ ନିର୍ଦ୍ଦେଶାବଳୀ' ଦେଖନ୍ତୁ । ଲେଖାସବୁ Word ଫାଇଲରେ ପଠାନ୍ତୁ, (ଓଡ଼ିଆ ଲେଖା ପାଇଁ କଳିଙ୍ଗ ଫଣ୍ଟ, ୟୁନିକୋଡ୍ ଅଧିକ ବାଞ୍ଛନୀୟ), ନିଜର ନାମ, ଠିକଣା (କେବଳ ଗ୍ରାମ/ସହର ଓ ରାଜ୍ୟ/ଦେଶ), ନିଜ ବିଷୟରେ ଶହେ ଶବ୍ଦ, ଇମେଲ୍ ରେ, ପଠାଇବା ନିହାତି ଦରକାର । ଲେଖାସବୁ ନିମ୍ନରେ ଦିଆଯାଇଥିବା ଇମେଲ ଠିକଣାରେ ପଠାନ୍ତୁ ।

ଲେଖାସବୁ ଲେଖକ-ଲେଖିକାଙ୍କ ନିଜସ୍ୱ କୀର୍ତ୍ତି ହୋଇଥିବା ଆବଶ୍ୟକ । ଲେଖା ପ୍ରକାଶନର ନୀତି ନିୟମର କୌଣସି ଉଲ୍ଲଙ୍ଘନ ପାଇଁ ଲେଖକ-ଲେଖିକା ନିଜେ ଦାୟୀ ରହିବେ; ସେଥିରେ ସୃଜନ ସମ୍ପାଦନା ମଣ୍ଡଳୀ ବା ପ୍ରକାଶକଙ୍କର କୌଣସି ଦାୟିତ୍ୱ ରହିବ ନାହିଁ ।

ଲେଖା ପଠାଇବା ପାଇଁ ଇମେଲ୍: srujan.journal@gmail.com

---

**Instruction to authors is given at the end of this issue.**

---

***For further information please contact the*** Srujan Editorial Board: srujan.journal@gmail.com OR srujan@instituteofinsight.org
The Institute of Insight, UK: theinstituteofinsight@gmail.com
Quality of Life Research and Development Foundation (QoLReF), qolref@gmail.com

# Jayanta Mahapatra

## - a dedication



**Jayanta Mahapatra** (22 October 1928 – 27 August 2023), is a prominent poet from Odisha, who wrote primarily in English. He completed MSc in Physics and taught physics in many colleges in Odisha since 1949 till his retirement as a Reader in Physics in 1986.

His poems such as "Indian Summer" and "Hunger" are regarded as classics in modern Indian English literature. He has written 27 books of poems, of which seven are in Odia. His wellknown books are Relationship, Bare Face and Shadow Space, Green Gardener (an anthology of short stories) and Door of Paper: Essay and Memoirs. He edited the literary magazine 'Chandrabhaga'. His literary articles have been widely published worldwide.

He is the first Indian poet to win a Sahitya Akademi award for English poetry book 'Relationship'. He won many national and international literary awards, including Jacob Glatstein Memorial Award, Allen Tate Poetry Prize, the SAARC Literary Award, Tata Literature Lifetime Achievement Award, Kanhaiya Lal Sethia Award for Poetry, RL Poetry Lifetime Achievement Award for Poetry, First Prize in Scottish International Open Poetry Competition; Second Prize in the International Who's Who in Poetry in London; Gangadhar National Award For Poetry, Sambalpur University, Ramakrishna Jaidayal Harmony Award; Bishuva Award Prajatantra Prachara Samiti; SAARC Literary Award, and many others.

He was invited as Visiting Writer to different countries: International Writing Program, Iowa City; Cultural Award Visitor, Australia; Japan Foundation – Visitor's Award. He was also invited to lots of literary conferences, festivals and poetry reading events worldwide

He was awarded a Padma Shri, in 2009 which he returned in 2015 to protest against rising intolerance in India. An honorary doctorate was conferred upon him by Ravenshaw University and a DLit Degree by Utkal University, Odisha. He is the first ever Indian English poet to become a Fellow of the Sahitya Akademi.

He has crafted a unique niche for him in the literary world, which will remain forever inmitable.

∞∞

Reference:

https://www.poemhunter.com/jayanta-mahapatra/
https://en.wikipedia.org/wiki/Jayanta_Mahapatra

∞∞

# Hunger

Jayanta Mahapatra

It was hard to believe the flesh was heavy on my back.
The fisherman said: Will you have her, carelessly,
trailing his nets and his nerves, as though his words
sanctified the purpose with which he faced himself.
I saw his white bone thrash his eyes.

I followed him across the sprawling sands,
my mind thumping in the flesh's sling.
Hope lay perhaps in burning the house I lived in.
Silence gripped my sleeves; his body clawed at the froth
his old nets had only dragged up from the seas.

In the flickering dark his lean-to opened like a wound.
The wind was I, and the days and nights before.
Palm fronds scratched my skin. Inside the shack
an oil lamp splayed the hours bunched to those walls.
Over and over the sticky soot crossed the space of my mind.

I heard him say: My daughter, she's just turned fifteen...
Feel her. I'll be back soon, your bus leaves at nine.
The sky fell on me, and a father's exhausted wile.
Long and lean, her years were cold as rubber.
She opened her wormy legs wide. I felt the hunger there,
the other one, the fish slithering, turning inside

∞∞

# Her hand


## Jayanta Mahapatra


The little girl's hand is made of darkness
How will I hold it?

The streetlamps hang like decapitated heads
Blood opens that terrible door between us

The wide mouth of the country is clamped in pain
while its body writhes on its bed of nails

This little girl has just her raped body
for me to reach her

The weight of my guilt is unable
to overcome my resistance to hug her

∞∞

# Dawn at Puri

## Jayanta Mahapatra

Endless crow noises
A skull in the holy sands
tilts its empty country towards hunger.

White-clad widowed Women
past the centers of their lives
are waiting to enter the Great Temple

Their austere eyes
stare like those caught in a net
hanging by the dawn's shining strands of faith.

The fail early light catches
ruined, leprous shells leaning against one another,
a mass of crouched faces without names,

and suddenly breaks out of my hide
into the smoky blaze of a sullen solitary pyre
that fills my aging mother:

her last wish to be cremated here
twisting uncertainly like light
on the shifting sands

∞∞

# Of that love

## Jayanta Mahapatra

Of that love, of that mile
walked together in the rain,
only a weariness remains.

I am that stranger now
my mirror holds to me;
the moment's silence
hardly moves across the glass.
I pity myself in another's guise.

And no one's back here, no one
I can recognize, and from my side
I see nothing. Years have passed
since I sat with you, watching
the sky grow lonelier with cloudlessness,
waiting for your body to make it lived in.

∞∞

# The Indian way

Jayanta Mahapatra

The long, dying silence of the rain
over the hills
opens one's touch,
a feeling for the soul's substance,
as for the opal neck
spiralling the inside of a shell.

We keep calm; the voices move.
I buy you the morning's lotus.

we would return again and again
to the movement
that is neither forward nor backward,
making us
stop moving, without regret.

You know:
I will not touch you, like that
until our wedding night.

∞∞

# Statues of curse

## Prasanta Kumar Panda

There is a shop-soiled banality about our democracy,
We are well bred in worldliness,
And can honour human torment
By calling it by a name
And prove we are more realistic about it
Than realism has it.

As we move in smog filled air in welknown streets
Looking at private statues built with public money,
With shrivelled hearts and swollen brains
We calculate soulless abstractions of our vacuum generation
In vexed theories of economics
Without moral sentiments.

If smeared with raw emotions
Public money comes as easy spent for
Private statues;
Sympathy overrides,
If it feeds poor to praise
Perverted leaders
In magnanimous stone
Shining at the cost of dark poverty for millions.

How can we forget,
After his victory,
Hitler surveyed the statue of Napoleon
To build his own model of curse
With public money.

How can our public figures of darkness remain far behind,
Even if we're far away in history!

∞∞

# From a dead end of our nation's soul


## Prasanta Kumar Panda


In our grave we'll listen
Tell us about our faith in our nation
With tear and blood,
Not flower or love.
Not pestering with past glory
Or fabricated flamboyant future remorse.

How much we wished with all our might
All along our struggle for trust and peace
Our children will not bite
Fingers of our soldiers
Before they pull the triggers;
Under an obligation
Of living a national mercy
To kill some of us to protect some others among us.

We've been coerced to assume now
We have outlived our moral reason,
It's time to change ours for others' beliefs
Or ready to be silenced or else smothered.

The nation we lived in and believed in
Is now in the hands of hearts that throb
To spill blood of the mass who sing a different song
Has a different dish to relish
And dress that gives them a feel of themselves,
Without any challenge to the commonsense
Of common people who have sense enough.

Peace has become a dead shield of our nation's soul
Every bit of life below it is pressed to silence
That sobs for a noble cause even without a whimper.

∞∞

# Cry mercy cry democracy

## Prasanta Kumar Panda

Giving the figures of darkness the power of light
Governance has become a lighthouse
For the blind,
Guessing freedom and pursuing light.

For those who can see in darkness
It's just a mirage,
Visible in heat of their understanding
And day light of transparency,
Ordained by human rights.

Invisible sovereignty has lost its sheen,
Countries celebrating democracy
Squeezed themselves into
Madness of a few in a perpetual retreat
Neither once happy people can ever be happy
Nor the poor nations can ever be rich.

Dearest citizens of cities with changed names,
Towns with dictated menus,
Villages with caste based cow dung beetles
With voting rights.
Cry mercy, as a right,
Cry democracy, as a slogan for your new found
Understanding of your plight.

∞∞

**Prof. Prasanta Kumar Panda** is a faculty of Indian Institute of Technology, Banaras Hindu University, Varanasi. He has the distinction of publishing specialized papers in diverse areas of Professional Communication, Technical Writing, Literary Theory and Creative Writing. He is honorary Editor-in-Chief of Nuances: A journal of Humanistic Enquiry. He is in the advisory board of Platform: A Bi-Lingual Magazine Based on Literature and Culture and IOSR Journals of Humanities and Social Sciences. He writes poems in English and has two volumes to his credit, titled: 'Confused Confessions' and 'A Blueprint of Retrospections'.

∞∞

# ଆକାଶ

**ରବି ଶତପଥୀ**

ତମେ ସେଇଠି
ସେମିତି ହିଁ ଥାଅ
ମୁଁ ସାତ ସମୁଦ୍ର
ତେର ନଈ ପାରି ହୋଇ ଆସି
ଠିଆ ହୁଏ ତମ ଆଶୀର୍ବାଦର
ଅଭୟ ହାତ ତଳେ ।
ତୁମେ ସବୁବେଳେ ଏମିତି
ଛାତିତଳେ ରହିଥାଅ ବୋଲି
ମୁଁ କେବେ ବି
ଖୋଜେ ନାହିଁ ତମକୁ,
ଖୋଜିଲେ କେବେ କେବେ ପାଏ
ବେଶିଥର ପାଏ ନାହିଁ ।

ମୁଁ ଜାଣେ ତମେ ଥାଅ
ମୋ ଆଲୁଅରେ ଅନ୍ଧାରରେ
ସୁଖରେ ଦୁଃଖରେ,
ମୁଁ ଈଶ୍ୱରଙ୍କୁ ଖୋଜିଲେ
ତମେ ସଦାବେଳେ ଆସି
ଠିଆ ହୁଅ ସାମ୍ନାରେ
ମୁଁ ତମକୁ ପାଏ ଆଉ
ଈଶ୍ୱରଙ୍କୁ ଭୁଲିଯାଏ ।

ବହୁ ଚେଷ୍ଟା ପରେ ବି
ତମକୁ ମୁଁ ଛୁଇଁ ପାରେନି ସତ,
କିନ୍ତୁ ସବୁବେଳେ ତମେ
ଅନ୍ଧାର ହୋଇ
ମୋତେ ଆଲିଙ୍ଗନ କରୁଥାଅ
ଜହ୍ନ ବୁଡ଼ିଗଲେ ରାତିରେ ।।

# ପକ୍ଷୀ

## ରବି ଶତପଥୀ

ମୁଁ ପୁଣି ଡାକି ଆଣିଲି
ସେ ପକ୍ଷୀମାନଙ୍କୁ
ଯେଉଁମାନେ ଅଭିମାନ କରି
ଦେଶାନ୍ତର ହୋଇଥିଲେ
ସେ ଦିନ ବର୍ଷା ସକାଳରେ,
ସେମାନଙ୍କ ପିଠିରେ
ହାତ ଥାପୁଡ଼େଇ
ଆଣି ବସେଇଲି ଦାଣ୍ଡ ପିଣ୍ଡାରେ ।
ପଚାରିବି ଭାବିଲି ଯେ,
ଖୋଲିଲା ନାହିଁ ପାଟି
ନୀରବି ଯିବି ଭାବିଲି ଯେ
ଅସ୍ଥିର ହେଲା ମନ,
ମୁଁ ମନ ଖୋଲି କଥା ହେଲି ସତ
ଥରେ ବି ପଚାରି ପାରିଲିନି
ଦେଶାନ୍ତର କଥା ।

ପକ୍ଷୀମାନଙ୍କୁ ମୁଁ
ଭଲ ପାଏ ବୋଲି
ଅନେକ ଥର ସେମାନଙ୍କ
ଡେଣାରେ ସବାର ହୋଇ
ମୁଁ ଆକାଶରେ ବୁଲେ, ଜହ୍ନକୁ ଛୁଏଁ
ତାରାଙ୍କ ଗହଣରେ
କେବେ କେବେ ବିତେଇ ଦିଏ ରାତି ।
ମୁଁ ଅନେକ ଚେଷ୍ଟା ପରେ
ପକ୍ଷୀମାନଙ୍କୁ ବୁଝେ
ପୁଣି ବୁଝିପାରେ ନାହିଁ ।
ଆଉ ଦିନେ ଦିନେ ସେ ପକ୍ଷୀ ସବୁ
ମୋ ଛାତି ଭିତରେ ବସା ବାନ୍ଧି
କୁଆଡ଼େ ଯାଆନ୍ତି କେଜାଣି
ମୁଁ ସଞ୍ଜର ଆକାଶକୁ
ସବୁଦିନ ଚାହିଁ ରହିଥାଏ ।।

ଠଠ

# ବର୍ଷା

## ରବି ଶତପଥୀ

ଓଦା ସରସର ହୋଇ
ମୁଁ ଘରକୁ ଫେରେ
ତାକୁ ଝୁରି ହୁଏ,
ଯିଏ ମୋ ଆଖିରୁ ବହୁଥର
ଧୋଇ ଦେଇଛି ଲୁହ
ଛାତି ଭିତରୁ ପୋଛି ଦେଇଛି
କିଛି ବଳକା ଦୁଃଖ ।
ମୁଁ ପାହାଡ଼ ଉପରକୁ ଯାଏ
ତାକୁ ଛୁଇଁବାକୁ
ସିଏ ମୋତେ ଆଲିଙ୍ଗନ କରେ
ଅସରନ୍ତି ସ୍ନେହରେ,
ତା ସାଥିରେ ସାଥି ହେବା ପାଇଁ
ମୁଁ ବହୁତ ଥର
କାଗଜ ଡଙ୍ଗା ହୁଏ
ଭାସେ, ବତୁରିଯାଏ, ବୁଡ଼ିଯାଏ
ତା ଦେହରେ ତା ମନରେ
ଏପରିକି ତା ଆତ୍ମାରେ ।

ମୁଁ ତା ଝଲକାଏ
ବିଜୁଳି ଆଲୁଅର
ପ୍ରେମରେ ପଡ଼େ,
ତା କଳାହାଣ୍ଡିଆ ମେଘରେ
ଅନେକ ଥର ନିଜକୁ ଲୁଚାଏ
ଅସରା ଅସରା ବର୍ଷାରେ
ଭିଜି ଭିଜି ନିଜକୁ ଖୋଜେ ।
ଦିନେ ଦିନେ ସମସ୍ତଙ୍କ ଅଲକ୍ଷ୍ୟରେ
ଶ୍ରେଣୀକକ୍ଷର କଳାପଟାରେ
ଚୁପ୍ କରି ଲେଖିଦେଇ ଆସେ
କିଏ ଜାଣିଶୁଣି ବର୍ଷାରେ ଭିଜିଛ ?

ꝏꝏ

**ରବି ଶତପଥୀ** ଜୀବନଧର୍ମୀ କବିତା ଲେଖନ୍ତି । ତାଙ୍କର ହଜାରରୁ ଅଧିକ କବିତା ଓଡ଼ିଶା ଓ ଓଡ଼ିଶା ବାହାରେ ପ୍ରକାଶିତ ଅନେକ ପତ୍ରପତ୍ରିକାରେ ମୁଦ୍ରିତ । ଆକାଶବାଣୀ ଓ ଦୂରଦର୍ଶନର ଜଣେ ସ୍ୱୀକୃତିପ୍ରାପ୍ତ କବି । ପ୍ରକାଶିତ କବିତା ବହି "ଅବୁଝା ପକ୍ଷୀର ଗୀତ" । ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟାପକ ଭାବରେ କାର୍ଯ୍ୟରତ ଶ୍ରୀ ଶତପଥୀ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ, ସଂପ୍ରତି ଉତ୍କଳ ସାହିତ୍ୟ ସମାଜର କୋରାପୁଟ ଜିଲ୍ଲା ଶାଖାର ଆବାହକ, ଓ କୋରାପୁଟ ସାହିତ୍ୟ ପରିବାରର ଉପସଭାପତି । ସେ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ତିନି ଦଶନ୍ଧିରୁ ଅଧିକ ସମୟ ଧରି କାର୍ଯ୍ୟ କରି ଆସୁଛନ୍ତି । କବିତା ପାଇଁ ଓଡ଼ିଶାର ପ୍ରମୁଖ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ତରଫରୁ ସେ ସମ୍ବର୍ଦ୍ଧିତ । କୋରାପୁଟ ଜିଲ୍ଲା ନନ୍ଦପୁର କଲେଜରେ ଅଧୁନା ଅବସ୍ଥାପିତ । ସେ କୋରାପୁଟ ସହରରେ ରୁହନ୍ତି ।

ꝏꝏ

# ଜନମ ମରଣ

ବିଜୟଲକ୍ଷ୍ମୀ ପଟ୍ଟନାୟକ

ଜୀବନ ନଦୀର ଦୁଇକୂଳ ଅଟେ
ଜନମ ମରଣ ଦୁଇ
ଗୋଟିଏ ହସର ଗୋଟିଏ କାନ୍ଦର
ଏକୁଡ଼ି ଓ ଶେଷ ଜୁଇ ।
ଜୀବନ ତୀର୍ଥ ଭାବର ଆସର
ମରଣ ତ ଭାବହୀନ
ଶ୍ମଶାନରେ ଆସେ ଶ୍ମଶାନ ବୈରାଗ୍ୟ
ତା ପରେ ତ ସବୁ ଶୂନ୍ୟ ।
ସଂସ୍କାର ସଂସ୍କୃତି ସବୁବେଳେ ଥାଏ
ଅଠର ବରଷ ଯାଏ
ତା ପରେ ଆସଇ ବିଷମ ସମସ୍ୟା
ଠକା ପ୍ରବଞ୍ଚନା ଥାଏ ।
ଜୀବନ ଜୀବିକା ନିର୍ବାହ ପ୍ରବାହ
ସବୁଠାରୁ ଭାବହୀନ
ମାରିବା ମରିବା ଯାହା ବି ହୋଇଲେ
ଅର୍ଥ ହିଁ ଅଟେ ମହାନ ।
ଜୀବନ ଶେଷରେ ସବୁ ତ ପାଉଁଶ
ଚନ୍ଦନ ହେଉ ବା ଘିଅ
ଚଉକିର ମୋହ କାମ କ୍ରୋଧ ଲୋଭ
ସ୍ୱାହା ହୁଏ ସବୁ ସହ ।
ବଞ୍ଚିବାର ନିଶା ଜୀବନ ବେଉସା
ନ ଥିଲା କାହାରି ମନେ
ସରଳ ତରଳ ମାଟି ମୋହ ଥିଲା
ସବୁରି କୋମଳ ମନେ ।

ଯୁଗ ବଦଳିଲା ଯୁବପିଢ଼ି ମନେ
ଧନ ଅର୍ଜନର ନିଶା
ଘାରିଗଲା ପୁଣି ଚଳଣି ବଦଳି
ବଦଳିଲା ବେଶଭୂଷା ।
ମଣିଷ ଭିତରୁ ଉତୁରି ଆସିଲା
ପଶୁଟିଏ ଡିଆଁମାରି
ବଡ଼ ସାନ ଭାବ ନ ରହିଲା ଆଉ
ବାପା ମା' ହେଲେ ଭଗାରି ।
ଦେବ ଓ ଦାନବ ଭିତରେ ତ ଥାଏ
ସମଭାବେ ସମତୁଲ
ଦୁଇଟି ଉପରେ ନିୟନ୍ତ୍ରଣ ଥାଏ
ସେଇ ମଣିଷଟି ଭଲ ।
ଆସିବା ଯିବା ତ ଲାଗିରହିଥାଏ
ବୁଝେନା ମାୟା ମାନବ
ଜୀବନ ସୁନ୍ଦର ମରଣ ସୁନ୍ଦର
ଏକ ଭାବେ ନେବା ଭଲ ।
ବୁଝିଯିବା ଯଦି ଏଇ ଛୋଟ କଥା
ଅହଂକାର ପଙ୍କେ ପଶି
ଘାଣ୍ଟି ହେବାନାହିଁ ଦୋଷ ଦେବା ନାହିଁ
ନିଜେ ହେବା ନାହିଁ ଦୋଷୀ ।
ଜଗତ ଜୀବନ ହେ ପରମ ପ୍ରାଣ
ଏତିକି ମାଗୁଣି ରଖ
ଯାତନା କଷଣ ଦେବାନି କାହାକୁ
ରଖିବା ଜନମ ଟେକ ।

୦୦

# ଅଧିର ମଳୟ

**ବିଜୟଲକ୍ଷ୍ମୀ ପଟ୍ଟନାୟକ**

ବହୁଛି ମଳୟ ସମୀର
ପୁଷ୍ପ ଉଦ୍ୟାନ ଭରେ
କୋକିଳ ଗାଉଛି ସଂଗୀତ
ଆମ୍ରକୁଞ୍ଜ ମଧରେ ।
ନବ କିଶଳୟ ପାଦପେ
ଶୋଭା ମଣ୍ଡନ କରି
ବିଚ୍ଛୁରିତ କରେ ସୁଗନ୍ଧ
ମନ ଉଚ୍ଚାଟ କରି ।
ତାରୁଣ୍ୟର ଆଦ୍ୟ ପ୍ରହର
ଯେତେ ଯାଇଛି ବିତି
ଅମରାବତୀର ଆଟୋପେ
ମନେ ରହିଛି ସ୍ମୃତି ।
ଚାରୁମୟ ସ୍ନିଗ୍ଧ ଜୋଛନା
ଦିଏ ସୁବର୍ଣ୍ଣ ଝାରି
ଚାରୁ ଚନ୍ଦ୍ରାବଳୀ ମୁଖରେ
ଖେଳୁଥିଲା ଭଉଁରୀ ।
ଜୀବନ ଜଗତ ଅବୁଝା
ଥିଲା ଅନ୍ଧାର ପରି
ସବୁ ଲାଗୁଥିଲା ସତେକି
ବସନ୍ତର ବେପାରୀ ।
ମିଳନ ବିଚ୍ଛେଦ ସବୁର
ମୂକସାକ୍ଷୀ ସେ ରାତି
ହେମାଳ ସେ ଆଜି ହୋଇଛି
ସତ ଥିଲା ସେ ପ୍ରୀତି ।
ଯିଏ ଦେଖିଛି ସେ ବିଭୋର-
ପଣ ହୃଦୟ ଖୋଲି
ଭିଜି ଯାଇଛି ତା ଅନ୍ତର
ଓଦା ଆଖିରେ ବୋଲି ।

କବିତାର ସବୁ ଶବଦ
ସିଏ ଯାଇଛି ହୋଇ
ଅନାବିଳ ଦିବ୍ୟ ପ୍ରେମର
ଗୀତି କବିତା ହୋଇ ।
ଏ ବସନ୍ତ ରାସ ଏମିତି
ଆସେ ଫଗୁ ଖେଳାଇ
ଚୋରା ଚଇତାଳି ନାଚଇ
ଭରା ଆନନ୍ଦ ନେଇ ।
ଝରା ବଉଳର ଚିଟାଉ
ନବ ହିଲ୍ଲୋଳ ଭରେ
ଜିଇଁବାର ନିଶା ଆଗକୁ
ଟାଣି ଉଲ୍ଲାସ କରେ ।
ଓଠ ପିଇଯାଏ ଶବଦ
ଆଖି କହଇ କଥା
ବନ୍ଧନ ଖୋଲି ଉଡ଼ିବା
ନିଶା ଥାଏ ସାଇତା ।
ମଧୁମାସ ଗାଏ କବିତା
ଉଡ଼େ ପରଜାପତି
ପୁଷ୍ପ ବିତାନରେ ଶୁଭଇ
ତାର ମଧୁର ଗୀତି ।
ଆଶାଟିଏ ଥିଲେ ବଞ୍ଚିବା
ନିଶା ଘାରେ ମନରେ
ଆଶା ମରିଗଲେ ଜୀବନେ
ନାହିଁ କିଛି ଧରାରେ ।
ମଙ୍ଗଳମୟ ଏ ପ୍ରଭାତ
ସର୍ବ ମଙ୍ଗଳ ଧରି
ବିଞ୍ଚିଦେଉ ଶାନ୍ତି ଆନନ୍ଦ
ସୁଖ ହୃଦ ପ୍ରସାରି ।

# ନବ ଘନ ମେଘ

**ବିଜୟଲକ୍ଷ୍ମୀ ପଟ୍ଟନାୟକ**

କେଉଁ ସନ୍ଦେଶ ନେଇ ଆସିଛି ଆଗୋ ସହୀ
ଏଇ ପ୍ରଥମ ମେଘ ଦେଖନା
ନିଦ୍ରିତ ଆଖି ତଟେ
ସପନ ଜାଗି ଉଠେ
କିବା ଶିହରି ଉଠେ ଘନ ଆବେଗ
ଭରା ଜୋଛନା ।
ଆକାଶୁ ଖସିପଡ଼େ ମୁକୁତା ଧାରା
କେଉଁ ଆଶ୍ଳେଷେ ଜାଗେ
ତପତ ଧରା
ମୟୂର ପୁଚ୍ଛ ଟେକି
ନୃତ୍ୟକୁ ଅଛି ଟାକି
ନବରାଗ ପୁଲକ ବିଳାସେ ଭରା ।
କେତେ ଯେ ଅନ୍ତରଙ୍ଗ ନିବିଡ଼ ଅନୁରଙ୍ଗ
ଭରା ଯାମିନୀ ଆଜି ପାହୁଛି
ଦର୍ଶନେ ରହି ମନ
ଖୋଜେ ସେ ନିକାଞ୍ଚନ
ନିରିମମ କଷଣ ସହୁଛି
ଏ ଘନ - କେଉଁ ବାରତା ନେଇ ଆସିଛି ।
କ୍ଷୁଦ୍ର ଜୀବନରେ ସଞ୍ଚାରି ମଧୁରତା
କ୍ଷୀଣ ଆଲୋକ ଧାରା ଦେଖାଇ
ପ୍ରାଣରେ ନିବିଡ଼ତା
ପ୍ରଶ୍ୱାସେ ବ୍ୟାକୁଳତା
ବିବ୍ରତ କଲ ଆଶା  ଲିଭାଇ
କେଉଁ ସନ୍ଦେଶ ନେଇ ଆସିଛି ଏ ବରଷା
ସାନ୍ଦ୍ର ନିବିଡ଼ତା ଜଗାଇ !

ꠀꠀ

**ବିଜୟଲକ୍ଷ୍ମୀ ପଟ୍ଟନାୟକ** ଜଣେ ଅନୁବାଦିକା, ପ୍ରାବନ୍ଧିକା, କବୀ, ପ୍ରବାଚିକା, ମଞ୍ଚ ସଞ୍ଚାଳିକା, 'ସନାତନୀ' ପତ୍ରିକାର ସମ୍ପାଦିକା, ଓ ୧୨ଟି ପୁସ୍ତକର ଲେଖିକା । ସେ ହିନ୍ଦୀ, ବଙ୍ଗଳା ଏବଂ ଇଂରାଜୀ ଭାଷାରୁ ଅନେକ ବହି ଓ ଲେଖା ଅନୁବାଦ କରିଛନ୍ତି । ତାଙ୍କର  ଅନୁବାଦ ପୁସ୍ତକ 'କୁଆ ଓ କଳାପାଣି' (କେନ୍ଦ୍ର ସାହିତ୍ୟ ଏକାଡେମୀ), ଓ ତସଲିମା ନାସରିନଙ୍କ ବଙ୍ଗଳା ପୁସ୍ତକ 'ନଷ୍ଟ ଝିଅର ନଷ୍ଟ ଗଦ୍ୟ' (ଫ୍ରେଣ୍ଡସ୍ ପବ୍ଲିସର୍ସ) ପ୍ରକାଶିତ ହୋଇଛି । ଏତଦ୍ ବ୍ୟତୀତ ସେ ଆଧ୍ୟାତ୍ମିକତା ଉପରେ ପିଲାମାନଙ୍କୁ ଶିକ୍ଷା ଦେଇଥାନ୍ତି । ପାଖାପାଖି ଗ୍ରାମମାନଙ୍କରେ ମା ଓ ଶିଶୁର ଯତ୍ନ, ପରିଷ୍କାର ପରିଚ୍ଛନ୍ନତା, ସ୍ତନ୍ୟଦାୟୀ ମା'ମାନଙ୍କର ଯତ୍ନ ଆଦି ବିଷୟରେ ସଚେତନତା ସୃଷ୍ଟି କରିଥାନ୍ତି । ସେ ଭୁବନେଶ୍ୱରରେ ରହନ୍ତି ।

ꠀꠀ

# ଆତ୍ମ ମଗ୍ନ

## ସୁମିତ୍ରା ମିଶ୍ର

ଆତ୍ମମଗ୍ନ ହୋଇ
ନିଜ ଆତ୍ମାର ବାହୁବନ୍ଧନୀରେ
ସମେଟି ନେଇଥିଲି ସାରା ସତ୍ତାକୁ,
ସଜାଡ଼ି ନେଇଥିଲି ସାରା ଅବୟବକୁ
ସମୟର ଓଁକାର ଶବ୍ଦ ଭିତରେ
ବ୍ୟକ୍ତ-ଅବ୍ୟକ୍ତ ସମସ୍ତ ଭାବକୁ
ଗଣ୍ଠି ପକେଇ ରଖିଥିଲି
ଝିମିରି ଝିମିରି କବିତାର ପଣତକାନିରେ
ଝୁଲେଇବା ପାଇଁ ।
ମଗଜକୁ ଜାଳି ପୋଡ଼ି ଦେଉଥିଲା
ଛାତି ତଳର ନିଆଁ
ଭାବୁକ ଆସି କେବେ କେବେ
ଢୋଲ ବଜାଉଥିଲା ଆତ୍ମାର ଦୁକୁଦୁକିରେ
ଭାବ-ଅଭାବର ଅନୁରଣନ ଶୁଭୁଥିଲା
ଅନ୍ୟମନସ୍କ ହୋଇ ଶୁଣି ପାରୁନଥିଲି ସରାଗ-ବେହାଗ
ଆତ୍ମମଗ୍ନ ହୋଇ ରହିଥିଲି ସମ୍ମୋହନରେ ।
ମୌନତାର ଅବ୍ୟକ୍ତ ଇଲାକାକୁ
କେବେ ଧସେଇ ପଶି ଆସୁଥିଲା କିଛି ଅଭୀପ୍ସା
ସତ୍ୟ, ଶିବ, ସୁନ୍ଦରର ଗୀତ ଗାଇ
ଛୋଟେଇ ଛୋଟେଇ ପଶି ଆସୁଥିଲା କିଛି ଆକାଂକ୍ଷା
ନିତ୍ୟ-ଅନିତ୍ୟ, ପ୍ରାପ୍ୟ-ଅପ୍ରାପ୍ୟ, ଏଇ ଦୋଛକିରେ
ଆତ୍ମମଗ୍ନ ହୋଇ ଛିଡ଼ା ହୋଇଥିଲି ମୁଁ
ହୁଏତ ଏକ ମୃଣ୍ମୟ ମୁହୂର୍ତ୍ତ ଅପେକ୍ଷାରେ ।
ବିଜନ ଅପରାହ୍ନର ନିର୍ଜନ ବେଳାରେ
ମହମହ ବାସ ଚହଟେଇ
ଲତା ଭଳି ଲୋଟି, ଲୋଟି, ଡଙ୍କେଇ ଡଙ୍କେଇ
ମାଡ଼ି ବସୁଥିଲେ କିଛି ସ୍ୱପ୍ନ

ଉତ୍ତେଜିତ କରୁଥିଲେ ସ୍ନାୟୁକୁ, ଶିରା-ପ୍ରଶିରାକୁ
ସବୁଜିମାରେ ଭରି ଦେଉଥିଲେ ଆତ୍ମାର ଦିଗଦିଗନ୍ତ,
ଆତ୍ମମଗ୍ନ ହୋଇ ଅପେକ୍ଷା କରିଥିଲି
କେବେ ସଞ୍ଚରିଯିବ ସେ ଉତ୍ତେଜନା
ପ୍ରାଣର ଉଲ୍ଲସିତ, ଉତ୍କୃଷ୍ଟ ପଲ୍ଲବମାନଙ୍କରେ ।

∞∞

# ଅମଡ଼ା ବାଟ


## ସୁମିତ୍ରା ମିଶ୍ର


ମୋ ପ୍ରେମରେ ତୁମର ଭରସା ନାହିଁ ବୋଲି
ଚାଲୁଛ ଅମଡ଼ା ବାଟରେ
ତୁମ ପଛେ ପଛେ ଚାଲୁ ଚାଲୁ ବି
ମନେ ନାହିଁ କେବେ ମୁଁ ବାଟ ଭୁଲିଗଲି,
ଡାକିଲି ତୁମକୁ
ଡାକ ସବୁ ଫେରି ଆସିଲା
ଗୋଟେ ପଥରରେ ମୁଣ୍ଡକୋଡ଼ି ହୋଇ
ଏବେ ବି ମୁଁ କେବଳ ଶୁଣୁଛି
ସେ ଧୁମ୍ ଧଡ଼କ୍ ପ୍ରତିଧ୍ୱନି ।
କେଜାଣି କି ରୋଗରେ
ଛଟପଟ ତୁମ ପ୍ରାଣ
କାଉଁରିଆ କାଠି ପରି ଲହକା
ପଟ୍‌କା ବିଶ୍ୱାସ ତୁମର
ଟିକେ ବଙ୍କେଇଲେ ଭାଙ୍ଗିଯାଏ ଠକ୍ କରି
ଶିଉଳି ଲଗା ପଥରରେ
ପାହାଚ ଚଢ଼ାଇ ଚାଲିଛ ମୋତେ
ଗୋଡ଼ ଖସିଗଲେ
ଦୁମ୍ ଦାମ୍ କଚାଡ଼ି ପଡ଼ିବି ପାତାଳରେ ।
ଯେଉଁ ନାବରେ ବସିଲେ
ପହଞ୍ଚି ପାରିବା ସେ ପାଖ ତଟରେ

ତାକୁ ଖୋଜି ଖୋଜି କଣା କରୁଛ
ମାଛରଙ୍କା ଥଣ୍ଟିରେ
ନା' ନଦୀକୁ ଭରସା କରିଛ
ନା' ନାଆକୁ ନା' ନାଉରୀକୁ
ମୁଁ ବାରମ୍ବାର ଚେତେଇ ଦେଇଛି
ବୁନ୍ଦିଏ ଜଳ ବି ଯଥେଷ୍ଟ
ସନ୍ଦେହରେ ଟୁଳୁମୁଳୁ ଭରସାର ନାବ ବୁଡ଼ାଇବାକୁ ।
କାହିଁକି ଭୁଲି ଯାଉଛ
ମୁଁ ତ ପିନ୍ଧିଛି
ତୁମ ସୋହାଗର ନାଲିପାଟ, ସିନ୍ଦୂର
ବସିଛି ତୁମ ଜୀବନ ନାବର
ମଙ୍ଗରେ ମଙ୍ଗଳା ସାଜି
ମନ୍ଦାର ଫୁଲ ମାଳା ଯେତେ ଆସିବ
ସବୁ ମୋର ପୂଜା ପାଇଁ
ହେଲେ ମୁଁ ଜଗି ରହିଥିବି
ତୁମ ଶରଧାର ଚମ୍ପା ହାରଟିକୁ
ଯାହାକୁ ନେଇ ସଜାଡ଼ିବି
ମୋ ପ୍ରୀତିର କବରୀ
ମହମହ ବାସିବ
ତୁମେ ଭୁଲିଯିବ
କେବେ ଗୋଟେ ଅମଡ଼ା ବାଟରେ ଚାଲିଥିଲି ବୋଲି ।

ꝏꝏ

# ଭାବାବେଗ

## ସୁମିତ୍ରା ମିଶ୍ର

କେମିତି ବୁଝିହେବ
କବିର ଭାବକୁ ? ଆବେଗକୁ ?
ସେ ଭାବାବେଗ
ଯିଏ ଅଣ୍ଡାଳୁଥାଏ ନିଜର ଚିତାଗ୍ନିର ଭାଗ୍ୟ
ଲେଖିଦେବା ପାଇଁ ଚଉଡ଼ା କପାଳଟିଏ,
ଯିଏ ଖୋଜୁଥାଏ ମୁଠିଏ ମାଟି ଭିତରେ
ଅଙ୍ଗାର ହୋଇ କବର ଦେଇଥିବା ଶୃଙ୍ଗାର,
ଯିଏ ଦେଖୁଥାଏ ପୋଷେ ଆକାର କାଳିମାରେ
ତରଙ୍ଗାୟିତ ସାଗରର ଗଭୀର ନୀଳିମା,
ଯିଏ ସାଉଁଟୁଥାଏ ଫୁଲମାନଙ୍କ କୋମଳ କଳିକାରେ
ଜୀବନର ଅଭୁଲା ସ୍ମୃତିର ତାରକା
କବିର ଭାବାବେଗ ଏମିତି
କମଳ ସହିତ ଭ୍ରମରର ବିଷମ ସନ୍ଧି ଯେମିତି ।
କବିର ଭାବାବେଗ ବୁଝିବାକୁ ହେଲେ
ଭାବିନିଅ ସିଏ ଜଣେ
ନିରୀହ, ନିର୍ଲିପ୍ତ, ନିର୍ବିକାର ପଥଚାରୀ
ଯିଏ ରାସ୍ତାରୁ ଗୋଟଉଥାଏ
ଗୋପନୀୟ ଅନୁଭବର ଉପଳମାନ
ସାଇତି ରଖେ ବିଗଳିତ ହୃଦୟରେ
ତା'ର ମଧୁର ଦଂଶନରେ ଶବ୍ଦ ଝଙ୍କାର ତୋଳେ
ଭାବାବେଗର ସାନ୍ଦ୍ରତାରେ ସଜାଇ ରସସିକ୍ତ କରେ ସେ ସୁର ।
କବି ଏକ ମନ୍ତ୍ରମୁଗ୍ଧ ହୃଦୟର ମାଲିକ
ଏକ ବାଦଶାହୀ ଇଚ୍ଛାର ଆଗ୍ନେୟଗିରି
ଇନ୍ଦ୍ରଧନୁ ସମ ନାନାରଙ୍ଗୀ କଳ୍ପନାର ଏରୁଣ୍ଡିବନ୍ଧ ଉପରେ
ପାଦଥାପି ଛିଡ଼ା ହୋଇଥାଏ କେବେ ରାଜା, କେବେ ରଙ୍କ ହୋଇ,
ଦେଖୁଥାଏ ଚିର ଶ୍ୟାମଳୀ ଏକ ଶେଷହୀନ ରାସ୍ତା
ରାସ୍ତାର ବାଜୁବନ୍ଧରେ ଏକ ପ୍ରଶାନ୍ତ ଦିଗ୍‌ବଳୟର ଭ୍ରୂଲତା,

ରାସ୍ତା ଦୁଇକଡ଼େ କବିତା ପଂକ୍ତିର ଫେନିଳ ତରଙ୍ଗମାଳା
ସେ ତରଙ୍ଗାୟିତ ଧ୍ୱନି ଉଜ୍ଜିବୀତ କରେ କବିର ଭାବାବେଗ ।
କବିର କଳ୍ପନା ଭାସୁଥାଏ
ଅସୁମାରି ଭାବାବେଗର
ନୀଳାମ୍ବୁ ଜଳରାଶିର ତରଙ୍ଗ ଉପରେ
ସୁସଜ୍ଜିତ ଗୋଟେ ଆମୋଦିତ ନୌକା ହୋଇ
କେବେ ସେ ନିଜ ସୁଖାନୁଭୂତିକୁ ସଞ୍ଜୀବିତ କରେ
ଚୋରା ଚଇତାଳିର ଭୁରୁଭୁରୁ ମହକରେ
ଉଡ଼େଇ ଦିଏ ଆକାଶକୁ ଅଜଣା ଚଢ଼େଇଟିଏ କରି,
କେବେ ଭ୍ରମି ଭ୍ରମି ବୁଲୁଥାଏ ତନୁତୀର୍ଥରେ
ଗଣ୍ଡ କୁହୁକତାର ତାମସିକ ଭାବାବେଶ ନେଇ
କେବେ ସ୍ୱପ୍ନର ସଞ୍ଜୀବନୀ ଦେଇ
କବିତ୍ୱର ପରାକାଷ୍ଠା ଦେଖାଏ
ଚିରନ୍ତନ ନଦୀଟିଏ ପରି ବହିଯିବାର ଅଭୀପ୍‌ସାରେ
ଅବା ସଳିତାଟିଏ ହୋଇ କବିତା ଭିତରେ ଜଳିଯିବାର ନିଶାରେ ।
କବିର ଭାବାବେଗ ସବୁବେଳେ ନଥାଏ ସମାନ,
କେବେ କବିତା ବନିଯାଏ କବିର ଛାତିର ସାଞ୍ଜୁ,
ମଥାର ଶିରସ୍ତ୍ରାଣ, ଅବା ଶୋଣିତ-ସିକ୍ତ ତୀକ୍ଷ୍ଣ କରବାଳ,
କେବେ ବନିଯାଏ କବିତା ଅନ୍ତରଙ୍ଗ ସହଚରୀଟିଏ
ହାତଧରି ବାଟ କଢ଼େଇ ନିଏ ଅଦୃଶ୍ୟ ଅନ୍ତର୍ଦାହକୁ
କେବେ ଛିଡ଼ା କରିଦିଏ ଅପରିଚିତ ମନ୍ଦିର ବାରଣ୍ଡାରେ
ଯେଉଁଠି ଶବ୍ଦମାନେ ଛିଡ଼ା ହୋଇଥାନ୍ତି ଗୁମ୍‌ମାରି
ବଉଳଗଛ ମୂଳେ ଭୁରୁଭୁରୁ ବାସ୍ନାରେ ଉଚ୍ଛକିତ ହୋଇ ।
କବିର ଭାବାବେଗ କରିପାରେ
ତୁଚ୍ଛତାର ଶୂନ୍ୟବେଦୀରେ ପୂର୍ଣ୍ଣତାର ଆବାହନ
ସାଉଁଟି ଆଣିପାରେ ବିଷାଦ ବେଳାରୁ
ମୁଠା ମୁଠା ମୁକ୍ତାର କୈବଲ୍ୟ
ବୟସ, ପଦପଦବୀ, ପୁରସ୍କାର, ସମ୍ବର୍ଦ୍ଧନାର ପ୍ରଲୋଭନରୁ
ଉଚ୍ଚରେ ଛିଡ଼ାହୋଇ କବି କରିଥାଏ ଗମ୍ଭୀର ବଳିଷ୍ଠ ଉଚ୍ଚାରଣ
ଶାଣିତ କରି ଲେଖନୀ ଶାଣଦିଆ ତରବାରି ପରି
ରଚିଯାଇଥାଏ ସତ୍ୟର ବାଣୀ ମନନସିଦ୍ଧ ଶବ୍ଦ ସମ୍ଭାରରେ ।

କବି ସେ - ତା'ର ଭାବାବେଗ
ତୂଳୀ ଓ କାଳିକୁ ନେଇ ଇଜେଲ୍‌ର ପଟ୍ଟଚିତ୍ର ଗଢୁଥିବା
ନିଜ ଅନ୍ତର୍ମନରେ ନିରୁଦ୍ଦିଷ୍ଟ ସଚେତ ପାଗଳଟିଏ
ତାକୁ ସହଜରେ ବୁଝିବ କିଏ?

ထထ

**ଡ. (ଶ୍ରୀମତୀ) ସୁମିତ୍ରା ମିଶ୍ର** ଅବସରପ୍ରାପ୍ତ ଇଂରାଜୀ ଭାଷା, ସାହିତ୍ୟର ଅଧ୍ୟାପିକା । କବିତା, ଗଳ୍ପ, ପ୍ରବନ୍ଧ, ନାଟକ ଓ ଅନୁବାଦ ବିଭାଗରେ ୨୪ଟି ଓଡ଼ିଆ ଏବଂ ୮ଟି ଇଂରାଜୀ ପୁସ୍ତକ ପ୍ରକାଶିତ: "ଉଦାସ ଗୋଧୂଳି", "ମନ ମୂର୍ଚ୍ଛନା", "ପ୍ରୀତି ପୁଷ୍ପା", "ବର୍ଷା ବିଥିକା", "ଅନ୍ତର୍ଦ୍ଧ୍ୱନି", "ତନୁ ତୀର୍ଥ", "କରୋନା କଷଣ", "ବିଦଗ୍ଧ ଅସ୍ତରାଗ" (କବିତା), "ଆହତ ଅପରାହ୍ନ", "ନିଶବ୍ଦ ଭଉଁରୀ", "ପଣତ କାନିରେ ଆକାଶ", "ଭିନ୍ନ ପ୍ରଜାତିର ପ୍ରଜାପତି", "କରୋନା କବଳେ", "କରୋନା କାଳିକା" (ଗଳ୍ପ), "ପଥ ପ୍ରାନ୍ତେ", "ବାତ୍ୟା ପରେ", ବିସ୍ଥାପନ", "କରୋନା କାଳ" (ନାଟକ), "କ୍ରୀତଦାସତ୍ୱର ବାର ବର୍ଷ", "ବଟବୃକ୍ଷ ଛାୟାରେ ଓ ଅନ୍ୟାନ୍ୟ ଗଳ୍ପ", "The Lord of Time" (ଅନୁବାଦ) (ସମୟ ପୁରୁଷ), "ମୋ ଜୀବନ, ସତ୍ୟାନୁସଂଧାନର ଏକ କାହାଣୀ" (An Autobiography: My Experiments with Truth " by Mahatma Gandhi) (ଅନୁବାଦ) ଇତ୍ୟାଦି । ଭୁବନେଶ୍ୱରରେ ସପରିବାର ରହନ୍ତି ।

ထထ

# Birds at Bhitarkanika

Saroj Kar



∞∞





∞∞





∞∞



∞∞



∞∞





∞∞



∞∞

∞∞

Bhitarkanika National Park is a large national park with the status of a Ramsar site, in northeast Kendrapara district in Odisha. It is surrounded by Bhitarkanika Wildlife Sanctuary. Gahirmatha Beach and Marine Sanctuary separate the swamp region and mangroves from the Bay of Bengal. It hosts many mangrove species, and is the second largest mangrove ecosystem in India. The National Park is home to saltwater crocodile, Indian python, king cobra, black ibis, darters wild boar, rhesus monkey, chital, monitor lizard, and Olive ridley turtles on Gahirmatha along with many species of flora and fauna.

∞∞

**Saroj Kar** is the Director of GenX Film Institute, Bhubaneswar. He is a creative photographer and cinematographer. His picutres capture life in close up. He has been involved in production of various documentaries on Odia culture, Odissi Dance, and sculptures around Odisha. Some of his productions are available at YouTube.com@SarojKar. He enjoys training the next generation photographers and cinematographers.

∞∞

# ଶେଷଗାଡ଼ିରେ

## ତ୍ରିନାଥ ସିଂହ

ଶେଷଗାଡ଼ିରେ ବି ଆଉ ଫେରି ହେଲାନି ।
ଫେରି ଯାଇଥିଲେ କ'ଣ ଦେଖି ହେଇଥାଆନ୍ତା
ଝରି ନପାରି ତାରାର ଆଖିରେ ଅଟକି ଯାଇଥିବା
ଲୁହ ବୁନ୍ଦାକର ବ୍ୟାକୁଳତା...
ଝର୍କା ସେପାଖର ଅଫସଲି ଜମିରେ
ଖପରଲି କୁଡ଼ିଆର ରୁନ୍ଧି ରୁନ୍ଧି ଯାଉଥିବା ଖଣ୍ଡିତ ନିଃଶ୍ୱାସ
କି ଝିରି ଝିରି ହେଇ ଝରି ପଡୁଥିବା ଶିଶିରର
ବିବସ୍ତ୍ର ଅନ୍ୟମନସ୍କତା...!!
ତୁମକୁ ସବୁଠି ଥିବାର ଦେଖିଲି
ଫୁଲପାଖୁଡ଼ାରେ କମନୀୟ ହରିତ୍ ସ୍ପନ୍ଦନ ପରି
ତାରାର ଲୁହ, କୁଡ଼ିଆ ଓ ଶିଶିରବୁନ୍ଦାରେ ।
ମୁଁ ଯାହା ଠିଆହେଇ ରହିଥିଲି ନିର୍ବୋଧ
ଗାଈଆଳ ଟୋକା ପରି ସବୁଥର ପରିଧି ବାହାରେ ।
ଓଃ, ସେ କି କନକନିଆ ଶୀତ !
ପାଖରେ କିଛି ବି ନଥିଲା... ନିଆଁଝୁଲ କି ପତ୍ରଗହଳ
ସମୟର ବିସ୍ତୀର୍ଣ୍ଣ ଖାଁ ଖାଁ ପ୍ରାନ୍ତର ଛଡ଼ା ।
ଫେରି ଯାଇଥିଲେ ଜାଣି ହୁଅନ୍ତା ନାହିଁ
ରାତି ଅଧରେ କେମିତି ଅନାବରଣ ହୁଏ ଅନ୍ଧାର...
କ୍ରମଶଃ ଫର୍ଚ୍ଚା ଦିଶେ ହର୍ଷ, ବିଷାଦ, ବ୍ୟାକୁଳତା
ଆଖି ତଳର ଦାଗ, ଝୁଣ୍ଟି ପଡ଼ିଥିବା ନଖ
ଯୋଉଠି ଯୋଉଠି ଜମି ରହିଥାଏ ଅନ୍ଧାରର ଧୂଳି ଓ କଳଙ୍କ ।
ଥିଲି ବୋଲି ଜାଣିଲି
ଅନ୍ଧାରର ବି ଥାଏ ଏକ ନିଜସ୍ୱ ଉଜ୍ଜ୍ୱଳତା
ଏବେ, କିଏ କଣ କହୁଛି କହୁ
ମୃତ୍ୟୁ ଉପରାନ୍ତେ ବି ବଂଚି ରହିବାର ଅଛି
କମନୀୟ ଏଇ ନିଆଁଝୁଲ ଟିକକ ଲାଗି ।
ଠଠ

# ଲୋହିତଗଳିର ଝିଅ

ତ୍ରିନାଥ ସିଂହ

ନିର୍ବିକାର
ଓ ନିର୍ବିଚାରରେ ସେ ଲଙ୍ଘି ଆସିଛି ସବୁ ଅନ୍ଧାରକୁ
ଖୋଲିଦେଇ ପୃଥିବୀର ଯେତେ ନଗ୍ନବାସ ।
ପେଟ ନା ଦେହ
କାହାର ତାଡ଼ନା ବେଶୀ ସେ ଜାଣିଛି...
ଜାଣିଛି, ଦଳିମକଚି ଯାଇଥିବା
ତା'ର ଉପେକ୍ଷିତ ଆଖି ଯୋଡ଼ିକର ଊର୍ଦ୍ଧ୍ୱଶ୍ୱାସ
ଜାଣିଛି, ଆଞ୍ଚୁଡ଼ା କ୍ଷତରେ ରକ୍ତାକ୍ତ
ତା'ର ନାବାଳିକା ଆତ୍ମା ଓ ଉତ୍ତେଜନାହୀନ
ଶରୀରର ପ୍ରତି ମାଂସପୁଟ ।
ଯୋଉଦିନ ବଳେଇ ପଡ଼ିଥିଲା ଯନ୍ତ୍ରଣା ପେଟରେ ଭୋକର
ସେ ଜାଣିଛି କେତେବେଶୀ ମୂଲ୍ୟହୀନ ହେଇପଡ଼ିଥିଲା ସେଦିନ
ଗୋଟିଏ କଞ୍ଚାଲଙ୍କା ଓ ବାଟିଏ ତୋରାଣିର ବାସ୍ନାଠାରୁ
ତା'ର କଅଁଳ ଛାତି ଓ ଅଧାଗଢ଼ା ଦେହର ଭୂଗୋଳ !
ଲୋହିତଗଳିକୁ ନୂଆ ହେଇ ଆସିଥିବା
ସେଇ ଝିଅ ଜାଣେ
ସଞ୍ଜ-ଆଳତି ଲାଗିହେବା ପରେ ବସ୍ତିପାଖ ମନ୍ଦିରରେ
କାହା ଲାଗି ସଜାଏ ସେ ନିଇତି ନିଜକୁ ଏତେ ସୂକ୍ଷ୍ମ କରି
ଛାତିତଳେ ଛୁପେଇ ରଖିଥିବା ବିଷଭାଣ୍ଡରୁ
ପୋଷ ପୋଷ ନୀଳ ମାଦକତା ଭରି
ତା'ର ଆଖି, ଓଠ, ସ୍ତନ ଓ ନାଭି ନିତମ୍ବରେ...!
ଆହା, କେତେ ମୁକୁଳା ଦିଶୁଛି ଆଜି ରାତିରେ
ପୃଥିବୀ ଓ ଆକାଶ ମଝିରେ ଅଣନିଃଶ୍ୱାସ
ପବନର ବିବସନ ଦେହ
କେତେ ଉଜ୍ଜ୍ୱଳ ଦିଶୁଛି ଲୋହିତଗଳିର ଝିଅ ସହିତ
ଅନ୍ଧାରର ଲହୁଲୁହାଣ ମୁହଁ ।

ooo

# ରାଜ ଅଭିଷେକ


## ତ୍ରିନାଥ ସିଂହ


ତୁମେ ଯାହାର ରାଜ ଅଭିଷେକ କରିଛ ଆଜି ସନ୍ଧ୍ୟାରେ...
ଯାହା ମୁଣ୍ଡରେ ପିନ୍ଧେଇଛ ସୁନାର ମୁକୁଟ
ହାତକୁ ଦେଇଛ ରାଜଦଣ୍ଡ...
ଗତକାଲି ରାତିରେ ସିଏ
ଗାଆଁମୁଣ୍ଡ ଧୋବାକୁଣ୍ଡରୁ ପ୍ରାଣ ବଞ୍ଚେଇ
ପଳେଇ ଆସିଥିବା ଗୋଟିଏ ନୀଳବର୍ଣ୍ଣ ଶୃଗାଳ ।
ସାରାରାତି ତମେ ତା'ର ପ୍ରଶସ୍ତିଗାନରେ ବ୍ୟସ୍ତ
ଓ ଏଇତକ ସମୟ ଭିତରେ ସେ ଶିଖି ନେଇଛି
କେମିତି ମାଖିବାକୁ ହୁଏ ଦେହ ଓ ମୁହଁରେ ନୂଆ ନୂଆ ରଙ୍ଗ...
ପରଖି ନେଇଛି ତୁମ ଦେଇଥିବା ରାଜଦଣ୍ଡରେ
ସୁନା କେତେ, କେତେ ଖାଦ ... ...
ତୁମେ ସବୁ ପ୍ରତିଶ୍ରୁତିର ମଣିଷ ।
ତୁମର ପୁଞ୍ଜି କହିଲେ: ତୁମର ଝାଳ ଆଉ ରକ୍ତ
ଦମ୍ଭ କହିଲେ: ତୁମର ବିଶ୍ୱାସ ।
ଗୋଟିଏ ଗୋଟିଏ ସୁନାଜରି ଲଗା ପ୍ରତିଶ୍ରୁତି ବଢ଼େଇଦେଇ ତୁମ ହାତକୁ
ସେ ତିଆରି କରି ସାରିଲାଣି ତା' ଦୁର୍ଗର ଗୋଟିଏ ନିର୍ଭର ନକ୍ସା...
ଖରା, ଶୀତ, ରୋଗ, ଶୋକ ଓ ଲାଞ୍ଛନାର ବାରମାସୀ ଋତୁକୁ
ଅକ୍ଳେଶରେ ସହିନେଇ ପାରୁଥିବା ତୁମ ଚମଡ଼ାରେ ଗଢ଼ିବାକୁ
ତା' ମହଲର ଛାତ ଆଉ କାନ୍ଥ
ସଜେଇବାକୁ ତୁମ ଲହୁଣୀ-ପିତୁଳା-ଝିଅର
ମଖମଲି ଦେହରେ ତା'ର ନିରୁପଦ୍ରୁତ ଶୟନକକ୍ଷ...
ତୁମେ ସବୁ ପ୍ରତିଶ୍ରୁତିର ମଣିଷ ।
ଗାଆଁମୁଣ୍ଡ ଧୋବାକୁଣ୍ଡରୁ ପ୍ରାଣ ବଞ୍ଚେଇ ପଳେଇ ଆସିଥିବା
ଗୋଟିଏ ଶୃଗାଳ ହାତରେ ଆମର ଶାସନଦଣ୍ଡ ।

ꝏꝏ

# ନକ୍ସା

ତ୍ରିନାଥ ସିଂହ

ଛାତିରେ ବହିଯାକି
କଲେଜରୁ ଫେରୁଥିବା ଝିଅକୁ ବାଟମଝିରେ
ଝିଙ୍କାଓଟରା କଲେ ଦଳେ ବଜ୍ଜାତ ଟୋକା
ଅବାଇଜ ଟୀକା-ଟୀପ୍ପଣୀରେ ପୋଡ଼ିଯାଇ
ଝିଅର ମୁହଁ ଦିଶୁଥିଲା ଥମ୍ ଥମ୍ କଳାକାଠ ।
ଲଜ୍ଜା ଓ ଗ୍ଲାନିରେ ନାକ ଫୁଲେଇ
ବହେ କାନ୍ଦିଲା ଝିଅ ମା' ପାଖରେ...
ବାପକୁ ଫେରାଦ ହେଲା, କହିଲା
ଅଭିଯୋଗ ଆଣିବ ସେମାନଙ୍କ ବିରୁଦ୍ଧରେ !
ଶୂନ୍ୟଆଖିରେ ବାପ ଚାହିଁଲା ଆକାଶ ଆଡ଼େ
କହିଲା, ଆମେ ଭଦ୍ରଲୋକ
କି ଦରକାର ଏଗୁଡ଼ାକର ମୁହଁ ଲାଗିବାରେ?
ତୁ ପଦାକୁ ଗୋଡ଼ କାଢ଼ନା କିଏ କାହିଁ କ'ଣ କହିବ...
ଆମେ ପରା ଗାନ୍ଧୀ-ମହାତ୍ମା ଦେଶର ଲୋକ !!

ବାଳୁଙ୍ଗା ପିଲାଏ କାଳେ
ବଡ଼ିଭୋରରୁ ଟୁଙ୍ଗିନେବେ ବଗିଚାରୁ ଫୁଲ ବୋଲି
ନକ୍ସାଟିଏ ତିଆରି କରୁଥିଲା ଲୋକଟି
ବୁଲେଇ ଆଣିବାକୁ ଘର ଚାରିପାଖେ ଗୋଟେ
ମେଘନାଦ ପାଚେରି...!
ଧୀରେ ଧୀରେ ଝିଅ ହେଇଯାଉଥିଲା ଅସୂର୍ଯ୍ୟଂପଶ୍ୟା
ଧୀରେ ଧୀରେ ଝିଅର ମୁହଁ, ଆଖିତଳ ଓ କପାଳ
ତା'ର ସ୍ୱପ୍ନ, ସମ୍ଭାବନା ଓ ଚଞ୍ଚଳତା
ସବୁ ପାଲଟି ଯାଉଥିଲା ଅଧାପୋଡ଼ି ନିଭି ଯାଇଥିବା
ଗୋଟେ କାଠମୁଣ୍ଡା...
ଲୋକଟି ତିଆରି କରୁଥିଲା ଗୋଟିଏ ନକ୍ସା ।
ଦଦ

∞∞

**ତ୍ରିନାଥ ସିଂହ**, ରାଉରକେଲାରେ ରହନ୍ତି । ସମ୍ଭ୍ରାନ୍ତ ଓଡ଼ିଆ ପତ୍ରପତ୍ରିକାରେ ତାଙ୍କ କବିତା ସ୍ଥାନିତ ହେବା ସହ ଅନେକ କବିତା ଆକାଶବାଣୀ ଓ ଦୂରଦର୍ଶନ ମାଧ୍ୟମରେ ପ୍ରଚାରିତ ଓ ପ୍ରସାରିତ । କିଛି କବିତା ହିନ୍ଦୀ, ଇଂରାଜୀ, ବଙ୍ଗଳା ଓ କନ୍ନଡ଼ ଭାଷାରେ ଅନୂଦିତ ଓ ପ୍ରକାଶିତ । 'ଫେରନ୍ତା ପକ୍ଷୀ', 'କୋଳାହଳ', 'ସେମାନଙ୍କ ପୂର୍ବାପର', 'ପବନ ବହୁଛି ଯେମିତି', ତଥା 'ଚୁପ୍‌ଚାପ ଚତୁର୍ଥଧାଡ଼ିରେ' - ପରି ତାଙ୍କର ପାଂଚଟି କବିତା ସଙ୍କଳନ ପ୍ରକାଶିତ । କବିତା ପାଇଁ ସ୍ୱର ଓ ସ୍ୱାକ୍ଷର କବିତା ସମ୍ମାନ, ତୀରତରଙ୍ଗ କବିତା ସମ୍ମାନ, ଭଦ୍ରକ ପୁସ୍ତକମେଳା କବିତା ସମ୍ମାନ, ଦିଗ୍‌ବଳୟ କବିତା ସମ୍ମାନ, ପ୍ରଭାସର୍ଜନା କବିକଳ୍ପ ସମ୍ମାନ, କାଦମ୍ବିନୀ କବି ସମ୍ବର୍ଦ୍ଧନା, ସାହିତ୍ୟ-ଦର୍ପଣ କବିତା ସମ୍ମାନ, ମିଳନୀ କବିତା ସମ୍ମାନ, ନୀହାରକନ୍ୟା ଶବ୍ଦରାଗ ସମ୍ମାନ ପ୍ରାପ୍ତ ।

∞∞

# ଡିଇ ନଈ କୂଳର ମିଲର

**ଚାର୍ଲସ ମାକେୟ**
**ଅନୁବାଦ: ହରିଶ୍ ଚନ୍ଦ୍ର କର**

ଡିଇ ନଈ କୂଳେ ରହୁଥିଲେ ଥରେ ମିଲରଟିଏ
ବପୁବନ୍ତ ପୁଣି ଖୁସିବାସିଆ ସେ ମଣିଷଟିଏ
ସକାଳ ପହରୁ ରାତି ଯାଏ ଲାଗିଥାନ୍ତି କାମରେ
ମନ ଫୁଲାଣିଆ ଗୀତଟିଏ ଗାଉଥିଲେ ଖୁସିରେ
ଗୀତଟିର ଅର୍ଥ ସହଜ ସାଧାରଣ ଭାଷାରେ
କାହାକୁ ମୁଁ ଈର୍ଷା କରେନା, ମୁହିଁ କେବେ କରେନା
ଅନ୍ୟ କେହି ମୋତେ କେବେ ବି ଈର୍ଷା ନେତ୍ରେ ଦେଖେନା

ସେ ରାଜ୍ୟର ରାଜା 'ହାଲ' ଥରେ ସେହି ବାଟରେ
ଯାଉଁ ଯାଉଁ ଗୀତ ଶୁଣିଲେ ମିଲରଙ୍କ କଣ୍ଠରେ
"ଭୁଲ ଗୀତଟିଏ ଗାଉଛ କିଆଁ ହେ ବନ୍ଧୁ ମୋର
ଜାଣି ପାରୁନ କି ଭୁଲଟି ଥରେ ବିଚାର କର
ତୁମେ ସିନା କେବେ କାହାକୁ ଈର୍ଷା କରନି, ଠିକ୍
ମାତ୍ର ଅନ୍ୟ କାହା ମନରେ ଈର୍ଷା ନାହିଁ, ବେଠିକ୍
ତୁମ ଭଳି ମନଟିଏ ହେ ଯଦି ଥାଆନ୍ତା ମୋର
ଖୁସିରେ ତୁମର କାମକୁ କରି ନିଅନ୍ତି ମୋର

ଏବେ କୁହ ବନ୍ଧୁ ବୁଝାଇ ଏଡ଼େ ସରାଗ ମନେ
ଜୀବନ ବଞ୍ଚିଛ କିପରି ଗାଇ ଉଚ୍ଛାଙ୍ଗ ସ୍ୱନେ
ରାଜା ମୁହିଁ ସିନା ବିଷାଦେ ରହେ ଡିଇ କୂଳରେ
ତୁମ ଭଳି ଖୁସି କାହିଁକି ନୁହେଁ ମନେ ବିଚାରେ"

ସ୍ମିତ ହସ ହସି ମିଲର ଟେକି ମୁଣ୍ଡରୁ ଟୋପି
ମଥାନତ କରି ଦେଲା ସେ ଅଭିବାଦନ ଭେଟି
ସ୍ୱଶ୍ରମର ଅନ୍ନେ ବଞ୍ଚୁଛି ମୁହିଁ ସପରିବାର
ସ୍ନେହବତୀ ମୋର ଗୃହିଣୀ, ପିଲା ତିନୋଟି ମୋର

ବନ୍ଧୁ ପରିଜନ ପଡ଼ୋଶୀ କର୍ମଚାରୀ ସମେତ
ଭଲ ପାଏ ମୁହିଁ ସଭିଙ୍କୁ ଭାବେ ସଭିଏଁ ମିତ୍ର
କରେ ନାହିଁ ବଡ଼ କରଜ, କାଳେ ନ ହେବ ଶୁଝି
ଛୋଟ କରଜଟି ଖରଚ କରେ ମୁଁ ବୁଝି ସୁଝି
ଡିଇ ନଈ ସ୍ରୋତେ ଚାଲଇ ପେଷାକଳ ମୋହର
ଆମକୁ ଜୁଟାଏ ଆହାର ତେଣୁ ଋଣୀ ତାହାର

ଦୀର୍ଘ ଶ୍ୱାସ ଏକ ପକାଇ 'ହାଲ' ରାଜା ସତ୍ୱର
କହିଲେ ହେ ବନ୍ଧୁ ବିଦାୟ, କାଳ କାଟ ସୁଖର
ତୁମ ଗୀତ ତୁମ ପାଇଁ ଯେ ସତ ମାନିଲି ମୁହିଁ
ପାର ଯଦି ତୁମ ଭାଷାରେ ରହୁ ସତ୍ୟର ଛାଇ
ତୁମ ଟୋପି ମୂଲ୍ୟ ମୋହର ଏଇ ରାଜ ମୁକୁଟ
ତୁମ ଉଦ୍ୟୋଗଟି ଦାମିକା ତୁଲେ ରାଜ ସମ୍ପଦ

ତୁମ ଭଳି ଲୋକ ଆମରି ଦେଶ ଗର୍ବ ଗୌରବ
ଇଂଲଣ୍ଡର ଡିଇ ମିଲର ରହୁ ଦେଶ ସରବ

ထထ

୧୯୫୩ ମସିହାରେ ନବମ ଶ୍ରେଣୀରେ ପଢୁଥିବା ବେଳେ ଇଂରାଜୀ ପଦ୍ୟ ବହିରୁ ଚାର୍ଲସ ମାକେୟଙ୍କର (Charles Mackay) ଲେଖା ଡିଇ ନଈ କୂଳର ମିଲର (Miller of the Dee) ପଢ଼ାଯାଇଥିଲା । ସେହିଦିନୁ ସେ ସ୍ୱାଭିମାନୀ ମିଲର ମୋ ହୃଦୟରେ ଗଭୀର ରେଖାପାତ କରିଥିଲେ । ମିଲର ଅଫ ଦି ଡିଇ ପଢ଼ିବାର ୬୩ ବର୍ଷ ପରେ ଯେ ମୁଁ ସେ ମିଲରଙ୍କୁ ଡିଇ ନଈ କୂଳରେ ଖୋଜିବି, ଏହା ଅତି ଚମତ୍କାର ଅନୁଭୂତି ହୋଇ ରହିଛି ଓ ରହିଥିବ ମଧ୍ୟ । ଯୋଗକୁ ଇଂଲଣ୍ଡକୁ ପର୍ଯ୍ୟଟନ ପାଇଁ ଯାଇଥିବା ବେଳେ ଡିଇ ନଈ ଉପରେ ଏକ୍ୱିଡକ୍ଟ ବା କୃତ୍ରିମ ପୟଃ ପ୍ରଣାଳୀ ଦେଖିବାର ଯୋଜନା ଯେଭଳି ଅପ୍ରତ୍ୟାଶିତ ସେଭଳି ଅବିସ୍ମରଣୀୟ । ଡିଜାଇନ ଇଂଜିନିୟର ଟେଲଫୋର୍ଡ଼ ଏହାକୁ ୧୭୯୫-୧୮୦୫ ରେ ତିଆରି କରିଥିଲେ । ଏହାର ବିଶେଷତ୍ୱ ହେଉଛି ଏଥିରେ ହେଉଛି ଏଥିରେ ୧୮ଟି ସଶକ୍ତ ଖମ୍ବ, ଏହାର ମଝି ଖମ୍ବ ଡିଇ ନଈ ଭିତରରେ ଥିବାରୁ ଉଚ୍ଚତା ୧୨୬ ଫୁଟ । ଧରନ୍ତୁ ୧୩ ତାଲା କୋଠା ଉଚ୍ଚ, କେନାଲ ଲୁହା ଆଧାର ପର୍ଯ୍ୟନ୍ତ । କେନାଲଟି ୧୦୦୭ ଫୁଟ ଲମ୍ବା, ୧୧ ଫୁଟ ୧୦ ଇଞ୍ଚ ଓସାର, ପ୍ରବାହ ମାନ ପାଣି ରହେ ୫ ଫୁଟ ୩ ଇଞ୍ଚ ଗଭୀର । ପୟଃ ପ୍ରଣାଳୀ ପାଖ ଫୁଟପାଥ ଉପରେ ଚାଲିବା ବେଳେ ଡିଇ ନଈ ୧୨୬ ଫୁଟ ତଳକୁ ଚାହିଁଲେ ମନରେ ଭୟ ସଂଚାର ହେବା ସ୍ୱାଭାବିକ । ବାସ୍ତବିକ ଏକ ପର୍ଯ୍ୟଟନ ପାରାଡାଇଜ । ସେହି ଡିଇ ନଈ କୂଳର ମିଲରଙ୍କୁ ଶ୍ରଦ୍ଧା ନିବେଦନ ସ୍ୱରୂପ ଗୀତଟିର ମର୍ମାନୁବାଦ ଓଡ଼ିଆରେ ।

ထထ



ଡିଇ ନଈ



ଡିଇ ନଈ ଉପରେ ପୟଃ ପ୍ରଣାଳୀ ଓ ଫୁଟପାଥ



# ଯଦିଓ ଜନମ ଆମର ଭିନ୍ନ ଭିନ୍ନ ଦେଶରେ


## ହରୀନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ

**ଅନୁବାଦ: ହରିଶ୍ ଚନ୍ଦ୍ର କର**


ଯଦିଓ ଜନମ ଆମର ଭିନ୍ନ ଭିନ୍ନ ଦେଶରେ
ଗୋଟିଏ ଧରିତ୍ରୀ ବାଣ୍ଟିଣ ଭାଗ ନେଉ ସଦ୍ଵରେ
ସେଭଳି ଗୋଟିଏ ଆକାଶ ପୁଣି ସୂର୍ଯ୍ୟ ଗୋଟିଏ
ତାଙ୍କର ଶକ୍ତିକୁ ଆଧାର କରି ଚଳୁଁ ସରବେ
ମନେରଖ ବନ୍ଧୁ ସରବେ ପୃଥ୍ୱୀ ମାତ୍ର ଗୋଟିଏ
ତାହାରି ସୁରକ୍ଷା କରିବା ଚିନ୍ତା ରଖ ସଭିଏଁ

.

ଆମେ ଚାହୁଁ ସବୁ ଶତ୍ରୁତା ଅବା ବିବାଦ ମେଣ୍ଟୁ
ଯେଣୁ ଆମେ ଚାହୁଁ ସମସ୍ତେ ଆମେ ଶାନ୍ତିରେ ରହୁଁ
ଆମେ କେହି ଘୃଣା ଚାହୁଁନା, ପୁଣି କାହା ବିବାଦ
ଯେଣୁ ଆମ ଲକ୍ଷ୍ୟ ଜୀବନ, ଭଲ ପାଇବା ସ୍ୱାଦ

.

ଆସ ବନ୍ଧୁ ଆମେ ହାତକୁ ହାତ ମିଳାଇ ଧରି
ଏକ ସ୍ୱରେ ନାରା ଦେବାଟି ସର୍ବେ ଏକତ୍ର ମିଳି
ଯୁଦ୍ଧ ନିବାରଣ ପର୍ଯ୍ୟନ୍ତ ଆମ ନାହିଁ ବିଶ୍ରାମ
ମନେ ରଖ ବନ୍ଧୁ ଧରଣୀ ମାତା ଗୋଟିଏ ଆମ

.

ଯଦିଓ ଜନମ ଆମର ଭିନ୍ନ ଭିନ୍ନ ଦେଶରେ
ଗୋଟିଏ ଧରିତ୍ରୀ ବାଣ୍ଟିଣ ଭାଗ ନେଉ ସଦ୍ଵରେ
ସେଭଳି ଗୋଟିଏ ଆକାଶ ପୁଣି ସୂର୍ଯ୍ୟ ଗୋଟିଏ
ତାଙ୍କର ଶକ୍ତିକୁ ଆଧାର କରି ଚଳୁଁ ସରବେ
ମନେରଖ ବନ୍ଧୁ ସରବେ ପୃଥ୍ୱୀ ମାତ୍ର ଗୋଟିଏ
ତାହାରି ସୁରକ୍ଷା କରିବା ଚିନ୍ତା ରଖ ସଭିଏଁ

.

ଏ ବସୁଧା ପାଇଁ ରହିଛି କିଛି ସ୍ୱପ୍ନ ଆମର
ସ୍ୱପ୍ନ ଅନୁଯାୟୀ ଗଢ଼ିବା ସ୍ଥିତି ଆମ ବିଶ୍ୱର

ୟୁଏନଓକୁ ଆମେ ଆଣିଛୁ ସେଇ ସ୍ୱପ୍ନ ଯୋଜନା
ସଫଳ କରିବା ଉଡ଼ାଇ ମାନବିକତାର ବାନା

.

ପୃଥିବୀରେ ସର୍ବେ ବଞ୍ଚିବେ ସମ୍ମାନର ସହିତ
ଦେଶ ଦଶ ମଧ୍ୟେ ପାଳିତ ହେବ ସାର୍ବଭୌମତ୍ୱ
ଦିବ୍ୟ ଦୃଷ୍ଟିରେ ହିଁ ଦେଖୁଛୁ ଯେଉଁ ଧରଣୀଟିଏ
ମନେ ରଖ ବନ୍ଧୁ ସରବେ ପୃଥ୍ୱୀ ମାତ୍ର ଗୋଟିଏ

∞∞

ଜାତି ସଂଘ (UN) ୧୯୭୦ ମସିହାରେ ରେ ମହମ୍ମଦ ରଫି ଗାଇଥିବା ଗୀତର ମର୍ମାନୁବାଦ । ମହମ୍ମଦ ରଫି ଗୋଟିଏ ଆଲବମ ଇଂରାଜୀ ଭାଷାରେ ଗାଇଥିଲେ । ଏସବୁ ଗୀତ ଲେଖିଥିଲେ ହରୀନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ ଓ ସଙ୍ଗୀତ ଦେଇଥିଲେ ଶଙ୍କର ଜୟକିଶନ୍ ।

∞∞

# ସମୟ ସ୍ରୋତରେ ଚାହୁଁ ଅଗ୍ରତେ ପଶ୍ଚାତେ


## ପି. ବି. ଶେଲୀ

**ଅନୁବାଦ: ହରିଶ୍ ଚନ୍ଦ୍ର କର**


ସମୟ ସ୍ରୋତରେ ଚାହୁଁ ଅଗ୍ରତେ ପଶ୍ଚାତେ
ଯାହା ଲାଗି ବ୍ୟାକୁଳତା ମାତ୍ର କାହିଁ ପ୍ରତେ
ହୁଏ ନାହିଁ, ଈପ୍ସିତକୁ ଛୁଇଁ
ଅକପଟ ହସ ଯେତେ ଫୁଟେ ଆମ ଓଠେ
କିଛି ଦୁଃଖ ଗୋପନେ ପ୍ରକଟେ ।
ଯେତେସବୁ ସୁଖତମ ସଂଗୀତ ରାଗିଣୀ
ପ୍ରଚ୍ଛଦରେ ଥାଏ କେତେ ଦୁଃଖ ସମ୍ମୋହିନୀ ।

∞∞

# ଜୀବନର ସ୍ତୋତ୍ର

**ଏଚ. ଡବ୍ଲ୍ୟୁ. ଲଙ୍ଗଫେଲୋ**
**ଅନୁବାଦ: ହରିଶ୍ ଚନ୍ଦ୍ର କର**

କୁହ ନାହିଁ ବଂଧୁ କୁହନାହିଁ
କୋହ ଭରା ମୋର ବିଧୁର ରଜନୀ ସରୁନାହିଁ
ଜୀବନଟା ଖାଲି ଶୂନ୍ୟ-ସପନ ଭରା ଯେବେ,
କି ଲାଭ ମରତେ ରଖି ଏ ଜୀବନ-ଧାରା ଲବେ?
ଜୀବନ କି ଖାଲି ବିଷାଦ କାତର ଅମାରାତ୍ରୀ
ସ୍ୱପ୍ନ ବିହୀନ ଏକୁଟିଆ ପୁଣି
କ୍ଲାନ୍ତି ପଥର ମହାଯାତ୍ରୀ
ବଂଚି ମରିବା ଯଦି ସତ ଏ ଧରା ପରେ
ମରି ବଂଚିବା ସମ୍ଭବ ନୁହେଁ କି ଦୁନିଆରେ?
ମଶାଣିର ଚିତା ଲକ୍ଷ୍ୟ କି କେବେ ହୋଇପାରେ
ବଂଧୁ ହୋଇପାରେ !

ꠀ ꠀ

**ହରିଶ ଚନ୍ଦ୍ର କର** । ଗାଁ ଚାଟଶାଳୀରୁ ପଢ଼ା ଆରମ୍ଭ କରି କଲିକତା ବିଶ୍ୱବିଦ୍ୟାଳୟରୁ ଅର୍ଥନୀତି (ସମ୍ମାନ) ସ୍ନାତକ । ସ୍କୁଲରେ ଶିକ୍ଷକତା, ଓଡିଶା ସଚିବାଳୟର ଆଦିବାସୀ କଲ୍ୟାଣ ବିଭାଗ ଓ ଗୋଷ୍ଠୀ ଉନ୍ନୟନ ବିଭାଗରେ ଚାକିରି ପରେ, ଯୋଜନା ଓ ସମନ୍ୱୟ ବିଭାଗର ଅର୍ଥନୀତି ଓ ପରିସଂଖ୍ୟାନ ସଂସ୍ଥାରୁ ସହକାରୀ ନିର୍ଦ୍ଦେଶକ ଭାବେ ଅବସର ଗ୍ରହଣ । ସାହିତ୍ୟରେ ଆନନ୍ଦ, ଅନେକ କବିତା ଓ ପ୍ରବନ୍ଧର ଲେଖକ, କବିତା ପାଠୋତ୍ସବର ଆୟୋଜକ । ପ୍ରକାଶିତ ପୁସ୍ତକ: 'ସ୍ମୃତି ବିଚିତ୍ରା' ଓ 'ଜୀବନ ଜିଜ୍ଞାସା · ଏକ ଆତ୍ମଲିପି' । ସମ୍ପାଦନା: 'ସଦଭାବନା' । ସମାଜସେବା ଓ ସଂସ୍କାରରେ ରୁଚି । ଜେରିକେୟାର (ଜରା ଯତ୍ନ ଏବଂ ଗବେଷଣା ଅନୁଷ୍ଠାନ), ଜନକଲ୍ୟାଣ ସମିତି, ଜୀବନ ଗୁଣମାନ ଉନ୍ନୟନ ଓ ଅନୁସନ୍ଧାନ ପ୍ରତିଷ୍ଠାନ ଆଦି ସଂସ୍ଥାସବୁର ଗଠନରେ ମୂଳ ଭୂମିକା । ଗ୍ରାମରେ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ପ୍ରୋତ୍ସାହନ ଓ ନାରୀଶିକ୍ଷା ଉପରେ ଗୁରୁତ୍ୱ । ରାଷ୍ଟ୍ରପତିଙ୍କଠାରୁ ଜେରିକେୟାରକୁ ଜାତୀୟ ସ୍ତରରେ ବୟୋଶ୍ରେଷ୍ଠ ସମ୍ମାନ (୨୦୧୬), ପରିବେଶ ସ୍ୱଚ୍ଛତା ପାଇଁ 'ନଗର ବନ୍ଧୁ ସମ୍ମାନ' (୨୦୧୪); ଜନକଲ୍ୟାଣ ସମିତିକୁ 'ପ୍ରକୃତି ମିତ୍ର ସମ୍ମାନ' (୨୦୧୭); ଦଧୀଚି ସମ୍ମାନ (୨୦୨୦), ଏବଂ ଅନେକ ସାରସ୍ୱତ ଓ ସାମାଜିକ ଅନୁଷ୍ଠାନମାନଙ୍କ ଦ୍ୱାରା ସମ୍ମାନିତ ।

ꠀ ꠀ

# ମୁହଁଟା ଯାକ ଜହ୍ନ?

ମନୋଜ କୁମାର ମହାପାତ୍ର

ଶୀତଋତୁର ରାତି ସହଜରେ ସରେନି ବୋଲି ପୁରୁଣାକାଳିଆ ଲୋକ କହନ୍ତି । କହିବାଟା ବି ସ୍ୱାଭାବିକ । ସୂର୍ଯ୍ୟାସ୍ତ ହେଉ ହେଉ ସଞ୍ଜ ନଇଁ ଆସେ । ସତେକି ରାତିଟା ଗୋଡ଼ କାଢ଼ି ଆଗରୁ ବସିଥିଲା ! ବସାମୁହାଁ ଚଢ଼େଇମାନଙ୍କ କିଚିରି ମିଚିରି ଶବ୍ଦରେ ତଳୁଆ ଆକାଶଟା କମ୍ପୁଥାଏ । ଆଜିକାଲି ଗାଁରେ ଗାଈଗୋଠର ବାହୁଡ଼ିବା ଓ ଗାଈଆଳର କୁହାଟ ସାତ ସପନ । ତଥାପି ପ୍ରାୟ ଷାଠିଏ ବର୍ଷ ବିତିଗଲା ପରେ ବି ପଶ୍ଚିମ ଦିଗ୍‌ବଳୟରେ ବୁଢ଼ା ଡେଙ୍ଗା ତାଳଗଛ ଉହାଡ଼ରେ ସୂର୍ଯ୍ୟାସ୍ତ ଦୃଶ୍ୟରେ କିଛି ପରିବର୍ତ୍ତନ ହୋଇଥିବା ଜଣାପଡ଼ୁନି । ଅଥଚ ସେ ନିଜେ ଅନେକ ବଦଳି ଗଲେଣି ସାବିତ୍ରୀ-ମା' ବରଗଛ ଭଳି ।

ସାବିତ୍ରୀ-ମା' ବରଗଛ ଏଇନେ ଥୁଣ୍ଟା ପ୍ରାୟ । ତା'ର କୁଣ୍ଢ ପାଉନଥିବା ଗଣ୍ଡିରେ ସେଭଳି ତା'ର ଝାଙ୍କୁଲା ସବୁଜପତ୍ର ଭରା ମୋଟା ମୋଟା ଶାଖା ପ୍ରଶାଖା ଆଜି ନାହିଁ । ଚନ୍ଦା ମୁଣ୍ଡରେ କାଁ ଭାଁ କେତୋଟି ଠିଆ ଧଳା ଚୁଟି ଭଳି, କେତୋଟି ସରୁ ସରୁ ଡାଳ ଓ ପତ୍ର ଠିଆ ହେଇଛି ତା'ର ଦରମଲା ଗଣ୍ଡିରେ । ବାପ୍‌ରେ ବାପ୍ କି ଭୟଙ୍କର ଥିଲା ତା' ରୂପ ଆମ ପିଲାଦିନେ !!! ତା'ର କୋପରେ ଗାଁ ମୁଣ୍ଡର ଏଇ ଜାଗାଟି ବି ଦେଖା ଯାଉଥିଲା ଭୟଙ୍କର ଓ ଭୀତିପ୍ରଦ । ଗାଁଟା ଯାକର ପ୍ରେତକ୍ରିୟାର ଦଶାହ ବା ଏକାଦଶାହର ଚିତ୍ରବିଚିତ୍ର ମାଳଆଟିକା ଓ ବିସର୍ଜନ ହାଣ୍ଡି ଏହାରି ମୂଳରେ ବିସର୍ଜିତ ହୁଏ ।

ପୁଣି ମହାମାରୀ ହଇଜା ଓ ବସନ୍ତ ସମୟରେ ଗ୍ରାମଦେବତୀ କ୍ଷେତ୍ରପାଳଙ୍କର କାଳିସୀ-ଦାସୀ, ଢୋଲ, ମହୁରୀ ଓ ହରିବୋଲ ଧ୍ୱନି ଭିତରେ ହାତରେ ବେତ ଧରି, ପାଦର ରୁଣୁଝୁଣୁ ନୂପୁର ଧ୍ୱନିରେ କ୍ଷୀପ୍ର ଗତିରେ ଏଠିକି ଦୌଡ଼ି ଆସନ୍ତି । ବେତକୁ ବରଗଛ ମୂଳ ପାଖରେ ତିନିଥର ତଳେ ପିଟି କୁହନ୍ତି – 'ଆଲୋ ମହାମାରୀ, ଏଇ ପଣା ପି' ଦେ, ଆଉ ଗାଁ ଭିତରକୁ ପଶିବୁନି ।' ଏତିକି କାଳିସୀ-ଦାସୀ କହିବା ମାତ୍ରେ, ଲୋକେ ସେଠାରେ ଛେନା, ଗୁଡ଼, କଦଳୀ ମିଶା ହାଣ୍ଡିଏ ପଣା ଓ ଥାଳି ପ୍ରାୟ ଗୋବର ଘଷିରେ ଜଳନ୍ତା ଝୁଣା ରଖିଦେଇ, ପଛକୁ ନ ଚାହିଁ ଲୋକେ ଦାସୀ ସାଙ୍ଗରେ ଏକମୁହାଁ ହେଇ ପଳାଇଆସନ୍ତି ଠାକୁରାଣୀଙ୍କ ପୀଠକୁ ।

ବୃଦ୍ଧ ଦେବଦତ୍ତ ବାବୁ ଟିକିଏ ଠିଆ ହେଇ ଚାହିଁଲେ ସାବିତ୍ରୀ-ମା' ବରଗଛକୁ, ଏମିତି ସାହସର ସହିତ ସଞ୍ଜବେଳିଆ ଠିଆହେବା ବୋଧେ ଥିଲା ପ୍ରଥମ । ପିଲାଦିନେ ତାହାର ବହଳ ଝାଙ୍କୁଲା ଡାଳପତ୍ର ଏଭଳି ଅନ୍ଧାରୁଆ କରିଥାଏ ରାସ୍ତାର ବାଙ୍କକୁ ଯେ ତାକୁ ଚାହିଁବା ତ ଦୂରର କଥା ସେ ଏକ ନିଃଶ୍ୱାସରେ ଅତିକ୍ରମ କରନ୍ତି ମାଙ୍କଡ଼ ଡିଆଁ ମାରି ସେଇ ଜାଗାଟିକୁ, ଯା'ର ଅତିକ୍ରାନ୍ତେ, ସେ ଅନୁଭବ କରନ୍ତି ସତେକି ଏକ ଭୟଙ୍କର ମରଣ ମୁହଁରୁ ବର୍ତ୍ତିଗଲେ !

ଗଭୀର ସ୍ମୃତି ଗର୍ଭରୁ ବାଲ୍ୟକାଳର ସ୍ମୃତିଟି ରଜନୀଗନ୍ଧା କଢ଼କୁ ଫୁଟାଇଦେବା ଭଳି ଚହଟି ଉଠିଲା ତାଙ୍କର ତମାମ ବ୍ୟକ୍ତିତ୍ୱ ଚେତନାରେ, ସେ ନ ହସି ରହିପାରିଲେନି, ଏଇଥିପାଇଁ ଯେ ସେ ପୂର୍ବଭଳି ଆଜି ଡରୁ ନାହାନ୍ତି ସାବିତ୍ରୀ-ମା' ବରଗଛକୁ । ସେ ଏବେ ଖୁବ୍ ସାହସୀ ।

ପୁରୁଣା ବାଲ୍ୟସ୍ମୃତିର ଗଭୀର ପ୍ରବାହରେ ଅବଗାହନ କରୁଥିବାବେଳେ ଝଙ୍କାଏ ବୋଇତାଳୁ ମୁଣ୍ଡେଇ ଜଣେ ଅଚିହ୍ନା ଅଧା-ବୁଢ଼ା ଚାଷୀ ଘାଉଲା ନାହାକ ବିଲ ମଝିରୁ ବାହାରି ରାସ୍ତାରେ ଠିଆହେଇ ତାଙ୍କୁ କଟମଟ ଆଖିରେ ଅନାଇ କହିଲା- ହଇଓ ମଉସା ! ଏଠି ଅନ୍ଧାରରେ ଠିଆ ହେଇଛ କାହିଁକି ? ବାଟ ବାରିପାରୁନ କି ? କୁଆଡ଼େ ଯିବ ? ଏଠି ରାତିରେ ଠିଆ ହୁଅନି, ବିପଦରେ ପଡ଼ିବ ।

ଦେବଦତ୍ତ ବାବୁ ହସି ଦେଇ କହିଲେ- କି ବିପଦ ?

"ଆଜିକାଲି ସାବିତ୍ରୀ-ମା' ବରଗଛ ପାଖରେ ରାତି ଯେତେ ଘନେଇ ଆସେ, ସେତେ ଭୟଙ୍କର ଉପଦ୍ରବରେ ଦୁଲୁକି ଉଠେ ଏହି ଜାଗା ।"

"ଓହୋଃ, ଆଜି ପର୍ଯ୍ୟନ୍ତ ସେଇ ଚିରଗୁଣୀର ଉତ୍ପାତ କମିନି ?"

ଚିରଗୁଣୀ ??? କଉଁ ଚିରଗୁଣୀ ହେ ? ଏମନ୍ତ ବିଚିତ୍ର ଉଚ୍ଚାରଣରେ ଅବାକ୍ ଚାଷୀ ଘାଉଲା ନାହାକ । ମୁଣ୍ଡରୁ ବୋଇତାଳୁ ବୋଝ ଓହ୍ଲାଇ ତଳେ ରଖି ନିଠେଇ ତାଙ୍କୁ ଚାହିଁଲା । ପୁନେଇଁ ଜହ୍ନର ଗଛ ଉହାଡ଼ ଛାଇଛାଇକା ଆଲୁଅରେ ଦେବଦତ୍ତଙ୍କର ଗୋରା ମୁହଁଟା ଭଲ ଦେଖି ହେଉନଥିଲା । ଘାଉଲା ପାଇଁ ଅବଶ୍ୟ ଚିହ୍ନା ମୁହଁ ନୁହେଁ, ତଥାପି ଚିହ୍ନା ଚିହ୍ନା ଲାଗୁଥାଏ । ବୃଦ୍ଧଙ୍କର ବେଶଭୂଷାରୁ ସେ ଠଉରେଇ ନେଲା ଯେ ଇଏ ଜଣେ ନିଶ୍ଚିତ ଉଚ୍ଚ ଶିକ୍ଷିତ ହେଇଥିବେ । ସେ ପୁଣି ଥରେ ପଚାରିଲା - ଆଜ୍ଞା, କଉଁ ଚିରଗୁଣୀ କଥା ?

ବୃଦ୍ଧ ଦେବଦତ୍ତ ୱାକିଙ୍ଗ-ଷ୍ଟିକ ଉପରେ ଭାରା ଦେଇ କହିଲେ - ତୁମେ କ'ଣ ଜାଣିନ କେଉଁ କାଳରୁ ଏଇ ବରଗଛରେ ଗୋଟିଏ ଚିରଗୁଣୀ ବାସ କରେ ? ଦୁଇପାଖର ବିଲ ଶୂନଶାନ୍ ହେଲେ, ରାତି ଅଧରେ, ପୁଣି ଅମାବାସ୍ୟା ରାତିରେ, ଅବଶ୍ୟ ସବୁ ରାତିରେ ନୁହେଁ, ସେ ଗଛରୁ ଓହ୍ଲାଇ ଗୋଡ଼ ଲମ୍ବେଇ ବସି ତା'ର କଅଁଳା ପୁଅକୁ କୋଳରେ ଧରି ବାହୁନେ ଓ ନିଆଁରେ ପୁଅକୁ ସେକେ ? ଦୈବାତ ଯିଏ ତା'ର ହାବୁଡ଼ରେ ପଡ଼େ, ସିଏ ରକ୍ତବାନ୍ତି କରି ମରେ ବୋଲି କ'ଣ ଜାଣିନ ? ସେଇଟା କ'ଣ ଆଜି ପର୍ଯ୍ୟନ୍ତ ଏଠି ଉତ୍ପାତ କରୁଛି ?

ବିଚିତ୍ର ଲୋକର ବିଚିତ୍ର ଗପ ଶୁଣି ଚାଷୀ ବିଚରା ନ ହସି ରହିପାରିଲାନି । ସେ କହିଲା- ଆଜ୍ଞା ! ବିଲ ମଝିରେ ଥିବା କଢୁଆଁସ କୁଦରେ ମୋର ବର୍ଷ ଯାକ ଚାଷ କାମ । ଏଇ ଖରାଦିନେ ଗାଡ଼ିଆରୁ ଯନ୍ତରେ ପାଣି ବୋହି ବୋଇତାଳୁ କିଆରିରେ ପାଣି ମଡ଼ାଇ ଘରକୁ ଫେରୁଫେରୁ ରାତି କେତେବେଳେ ଗୋଟେ ହେଇଯାଏ । କାହିଁ ତ ଏଠି କଉଁ ଚିରଗୁଣୀ ଫିରଗୁଣୀ ହାବୁଡ଼ରେ ମୁଁ ପଡ଼ିନି !

"ତେବେ ତୁମେ ମୋତେ କାହିଁକି ସାବଧାନ କରିଦେଲ ଏଇ ଜାଗାରେ ବେଶୀ ରାତି ପର୍ଯ୍ୟନ୍ତ ଠିଆ ନ ହେବାକୁ ? ଭୟଙ୍କର ଉପଦ୍ରବର ସାମ୍ନା କରିବ ?" ଦେବଦତ୍ତ ଅନୁଚ୍ଚ ସ୍ୱରରେ ପଚାରିଲେ ।

ଚାଷୀ ଘାଉଲା ନାହାକ ଖୁବ ଜୋର୍‌ରେ ହସିଉଠିଲା । ଓହୋଃ ତାହେଲେ ଛେନାରୁ ଚୋପା ଛଡ଼ାଇଲା ଭଳି ମୋର ସତର୍କତା ଶବ୍ଦରୁ ଚୋପା ଛଡ଼େଇ ଚିରଗୁଣୀକୁ ବାହାର କରି ଆଣିଲ ! ଆଜ୍ଞା ମୁଁ ଚିରଗୁଣୀ କି ପିତାଶୁଣୀ କି ଭୂତପ୍ରେତ କଥା କହୁନି । କହୁନି ବି ଦିଗନ୍ତବ୍ୟାପୀ ବିଲ ମଝିରେ ରହିଥିବା ତାଳପୋଖରୀ ହୁଡ଼ାରୁ ରାତି ଅଧରେ ଡାହାଣୀ ଆଲୁଅଟିଏ ବାହାରି କଢ଼ୁଆଁସ କୁଦ ଇଲାକାରେ ବୁଲିବାର ଲୋକ-କଥା । କିନ୍ତୁ ସେପରି ଜିନିଷ ମୁଁ କେବେ ଦେଖିନି ।

ତେବେ କିଏ ସାବିତ୍ରୀ-ମା' ବରଗଛ ନିକଟରେ ଉପଦ୍ରବ କରେ ହୋ ? ଦେବଦତ୍ତ ଅବଶ୍ୟ ସାମାନ୍ୟ ଉଚ୍ଚ ସ୍ୱରରେ ପଚାରିଲେ ।

ଘାଉଲା କହିଲା - ରାତି ବେଶି ହେଲେ ମଦୁଆ, ଗଞ୍ଜୋଡ଼ ଓ ବ୍ରାଉନ୍ ସୁଗାରଖିଆ ଟୋକାସବୁ ଏଠି ଭିଡ଼ ଜମେଇ ଉତ୍ପାତ କରନ୍ତି । ଅଚିହ୍ନା ଲୋକଙ୍କୁ ଏକଲା ପାଇ ଲୁଟନ୍ତି, ଦରକାର ପଡ଼ିଲେ ଲହୁଲୁହାଣ କରିବାକୁ ବି ପଛାନ୍ତିନି ।

ଏ କଥା ଶୁଣି ଦେବଦତ୍ତବାବୁ ଆଉ କହିବେ କ'ଣ, ପାଖରେ ଥିବା ସିମେଣ୍ଟ ସୋଠ ଉପରେ ଟିକେ ବସିପଡ଼ିଲେ । ଦୀର୍ଘ ନିଃଶ୍ୱାସଟିଏ ମାରି କହିଲେ - ଏବେ ବୁଝିଲି । ଗାଁ ବଦଳିଗଲାଣି । ବଦଳିଗଲେଣି ବି ଲୋକଙ୍କର ଆବହମାନ କାଳରୁ ଚଳି ଆସୁଥିବା ପୁରୁଣା ବିଶ୍ୱାସଗୁଡ଼ିକ ।

ଇତ୍ୟବସରେ ଅଧାବୁଢ଼ା ଚାଷୀ ଘାଉଲା ନାହାକ ଛାଇ ଅନ୍ଧାରରେ ଠିଆ ହେଇଥିବା ଲୋକଟିର ପାଖକୁ ଲାଗି ଆସି ଦେଖେତ -"ଆରେ ଇୟେ ତ ଆମର ଦେବନ୍ନା ! ସେ ଖୁସିରେ କୁରୁଳି ଉଠି କହିଲା - ନନା ଜୁହାର । ଆପଣ କେବେ ଗାଁକୁ ଆସିଲେ କି ? ମୁଁ ଯାହା ଦେଖୁଛି ଆପଣ ଏ ବୁଢ଼ା ବୟସରେ ବି ଗାଁ ମାଟିର ବାସ୍ନାକୁ ଭୁଲି ପାରୁନାହାନ୍ତି । ନନା, ତୁମେ ଏବେ ପରା ମାସେ ରହି ଆଠଦିନ ହେବ ଗାଁରୁ ଯାଇଛ ! ପୁଣି ଆସିଗଲ ?

ଦେବଦତ୍ତ ବାବୁଙ୍କ ମୁହଁରେ ହସର ଛଟା ଚମକି ଉଠିଲା । ନା'ରେ ଘାଉଲା, ଗାଁ ମାଟିର ବାସ୍ନା ମୁଁ ଭୁଲିପାରୁନି କହିବା ଠିକ୍ ହେବନି ବରଂ ଗାଁ ମାଟିର ବାସ୍ନା ମୋତେ ଭୁଲେଇ ଦେଉନି । ସେ ଏମିତି ମୋ ସ୍ମୃତିରେ ପରସ୍ତ ପରସ୍ତ ହେଇ ଲେସିହେଇଛି ଯେ ତାକୁ ଯେତେ ଆଡ଼େଇଲେ ବି ପୁଣି ନାଚି ନାଚି ଲମ୍ବଖମ୍ବ ହେଇ ମୋ ଭିତରେ ଶୋଇଯାଇ ମୋତେ ବାରମ୍ବାର ଟାଣି ଆଣୁଛି ତା' କୋଳକୁ । ହେଇ ଯେମିତି ଗାଡିଆରେ ଦଳ, ତାକୁ ଯେତେ ଘାଟ ପାଖରୁ ଆଡ଼େଇ ଚାଲି ଆସିଲା ପରେ ବି, ପୁଣି ପବନରେ ଭାସି ଆସି ଘାଟ ପାଖେ ହାଜର । ସେଇଭଳି ମୋ ଦଶା ।

ଘାଉଲାର ମୁଣ୍ଡ ଏମନ୍ତ କଥାରେ ଝାଏଁ ଝାଏଁ ହେବାରୁ ସେ ପଚାରିଲା- ନନା, ତୁମେ ତ ଇସ୍ରୋର ବଡ଼ ବୈଜ୍ଞାନିକ ଥିଲ । ତୁମେ ଜଣେ ବିଜ୍ଞାନର ମଣିଷ । କେତେ ଦେଶ ବିଦେଶ ଦେଖିଛ । କେତେ ମାନ, ସମ୍ମାନ, ଯଶ ପାଇଛ । ମୁମ୍ବାଇ ଭଳି ବଡ଼ ମେଟ୍ରୋ ସିଟିରେ ଘର କରିଛ । ସେ ସବୁର ବାସ୍ନା କ'ଣ ତୁମକୁ ଶାନ୍ତି ଦେଲାନି ଯେ ସେବାନିବୃତ୍ତ ବୁଢ଼ା ବୟସରେ ଖାଲି ଗାଁକୁ ଧାଉଁଛ । କ'ଣ ନା ମୋତେ ଗାଁ ମାଟିର ବାସ୍ନା ଟାଣୁଛି ?

ଦେବଦତ୍ତ ଖୁବ୍ ଜୋର୍‌ରେ ହସି ଉଠି କହିଲେ- ତୁ କ'ଣ ଭାବୁଛୁ ଏବେକାର ଗାଁର ଦୃଶ୍ୟ ମୋତେ ଟାଣି ଆଣେ? ଆଦୌ ନୁହେଁ । ବର୍ତ୍ତମାନ ତ ଗାଁ ଓ ସହର ଭିତରେ ବେଶୀ ତଫାତ୍ ନାହିଁ ।

"ତେବେ କିଏ ଟାଣୁଛି?"

"ଗାଁକୁ ଭଲ ପାଇବାର ଆବେଗ ।"

"ସେଥିରୁ ମିଳେ କ'ଣ ତୁମକୁ?"

"ସେଇ ଗାଁମନସ୍କ ଆବେଗ ନିରନ୍ତର ଚାହେଁ ଭେଟିବାକୁ ତା'ର ମୂଳ ସ୍ରଷ୍ଟାରୂପୀ ଗାଁକୁ, ଯେଉଁଠୁ ସେ ପାଇଛି ମଣିଷ ଭଳି ମଣିଷ ହେବାର ସମ୍ଭାବନାର ପ୍ରଥମ ପ୍ରତିଶ୍ରୁତି । ସେଇଟା ହେଉଛି ମାଟିର ବାସ୍ନା । କି ଆନନ୍ଦ ସତେ ସେଇ ବାସ୍ନା । ପିଣ୍ଡରୁ ପ୍ରାଣ ଗଲେବି ସେଇ ବାସ୍ନା ସ୍ମୃତିରୁ ବିଚ୍ଛିନ୍ନ ହୁଏନି ।" ଦେବଦତ୍ତବାବୁ ଏତିକି କହି ମୁରୁକେଇ ହସିଲେ ।

ଘାଉଲା ଚୁପ୍ ହେବା ମଣିଷ ନୁହେଁ । ସେ ବି.ଏ ପାସ୍ କରିଛି କିନ୍ତୁ କୋଡ଼ିଏ ବର୍ଷ ହେଲା ଚାଷକୁ ବୃତ୍ତି ଭାବରେ ଆପଣେଇଛି । ଦୁର୍ବଳ ଆର୍ଥିକ ପରିସ୍ଥିତି ସତ୍ତ୍ୱେ ସେ ଗାଁ ମାଟିର ମହକରେ ସବୁବେଳେ ମତୁଆଲା । ଦେବନାଙ୍କର ଗାଁ ମାଟିର ବାସ୍ନାକୁ ବେଶ୍ ବୁଝିପାରି ପଚାରିଲା - ଆଚ୍ଛା ନନା, ତୁମେ ତ ମୁମ୍ବାଇର ଏବେ ସ୍ଥାୟୀ ବାସିନ୍ଦା । ସେଠାରେ କ'ଣ ସହରୀ ବାସ୍ନା ବାରିପାରୁନ ?

ଦେବଦତ୍ତ ବାବୁ ଟିକେ ହସିଲେ ଆଉ କହିଲେ- ହଇରେ ଘାଉଲା, ବାସ୍ନା ଅଛି କିନ୍ତୁ ସେଇ ବାସ୍ନାଟା ଧନ, ମାନ ଓ ଯଶ ସ୍ୱାର୍ଥ ସମ୍ବଳିତ, ତୋ କିଆରିର ବୋଇତାଳୁ ଡଙ୍କ ଭଳି ମନ ଓ ଚେତନାରେ ସେଟା ମାଡ଼ିପାରେନା ।

ଦେବଦତ୍ତବାବୁଙ୍କ ମୁହଁ ଇତ୍ୟବସରେ ଖୁବ ହସୁରା ଦେଖାଗଲା । ସେ ଏକ ଅବ୍ୟକ୍ତ ଉଲ୍ଲାସରେ ଶିହରିତ ହେଇ କହିଲେ- ପିଲାଦିନେ ଘରବାଡ଼ିରେ ଫୁଟନ୍ତା ଜହ୍ନିଫୁଲ, କାକୁଡ଼ିଫୁଲର ଟହଟହ ହସର ଶୋଭା, ହଳଦୀବସନ୍ତର ସଜନା ଡାଳକୁ ଡାଳ ଡେଇଁବାର ଦୃଶ୍ୟ, ବଇଁଚ କୋଳି, କଣ୍ଟେଇ କୋଳି ଖାଇବାର ମଜା, ନଈନାଳରେ ସାଙ୍ଗ ସାଥୀଙ୍କ ସହିତ ମାଛ ଧରିବାର କୌତୁକତା, ଝଡ଼ିବର୍ଷାରେ ପଖିଆ ଘୋଡ଼େଇ ବଗିଚାରେ ଆମ୍ବ ଗୋଟାଇବାର ଉନ୍ମାଦନା, ବିଲରେ ପାକଳ ଧାନ ଛଂଚାର ମହକ, ଗୋଟା ପାଚିଲା ତାଳକୁ ଦାନ୍ତରେ କୋରି ଖାଇବାର ଆସ୍ୱାଦନ ଆଉ ଏଇ ସାବିତ୍ରୀ-ମା' ବରଗଛରେ ରହୁଥିବା ଅଶରୀରୀମାନଙ୍କର ଗପ ଶୁଣି ଏଠାରୁ ଦୌଡ଼ି ପଳାଇବାର ଛାତିଥରା ଭୟ ଇତ୍ୟାଦି ଆମ ମନ ଓ ଚେତନାରେ ଯେମିତି ଲେସିହେଇ ସ୍ମୃତି ସିନ୍ଦୁକରେ ସାଇତା ରହିଛି, ତା'ର ବାସ୍ନା ଓ ମହକ ପାଖରେ ସହରୀ ବାସ୍ନାର ମାଦକତା ତୁଚ୍ଛ ଓ ନିଷ୍ପ୍ରଭରେ ଘାଉଲା ।

ଘାଉଲା ପରିତୃପ୍ତ ଚାହାଣିରେ ପଚାରିଲା- ଏଇ ସାବିତ୍ରୀ-ମା' ବରଗଛକୁ କ'ଣ ତୁମେ ପିଲାଦିନରୁ ଦେଖୁଛ ନନା ? ଇୟାର ନାଁ କିଏ ସାବିତ୍ରୀ-ମା' ରଖିଲା ?

ଆରେ ଘାଉଲା, ଇଏ ପରା ମୋ ବାପା, ତାଙ୍କ ବାପା, ତାଙ୍କ ବାପା, ତାଙ୍କ ପୂର୍ବରୁ ଆହୁରି କେତେ ବାପାଙ୍କ ଅମଳରୁ ଇଯେ ଏଠି ଛିଡ଼ା ହେଇଛି । କେତେଶହ ବର୍ଷ ହେବ କିଏ କହିପାରିବ ?

କିନ୍ତୁ ଆମ ଗାଁର ଗୃଦାନାନୀ ମୋତେ ପିଲାଦିନେ କହିଥିଲା- ଆରେ ଦେବୁ, ହେଇ ଯେଉଁ ବିଲ ମଝିରେ ତାଳପୋଖରୀ କୁଦ ଦେଖୁଛୁନା, ସେଇଟା ଆଗରୁ କାଳେ କୁମ୍ଭାରମାନଙ୍କର ଗାଁ ଥିଲା । ସେଇ ଗାଁରେ ଜଣେ ବୁଢ଼ୀ କୁମ୍ଭାରୁଣୀର ଘର । ତା'ର ଏକମାତ୍ର ଝିଅର ନାଁ ସାବିତ୍ରୀ । ଯେହେତୁ ସେ ଥିଲା ବିଧବା ଓ ତା'ର ପୁଅ ନ ଥିବାରୁ ସାବିତ୍ରୀକୁ ବାହା କରାଇ ଘରଜୋଇଁଆ କରି ରଖିଲା । ସଂସାର ତା'ର ବେଶ୍ ଖୁସିରେ ବିତୁଥିଲା । ସମୟ କ୍ରମେ ସାବିତ୍ରୀ ଏକଦା ଗର୍ଭବତୀ ହେଲା । ତା'ର ପେଟରେ ପିଲା ରହିବା ଦିନ ଠାରୁ ବୁଢ଼ୀର ଖୁସି ଆକାଶକୁ ଛୁଇଁଲା ଓ ନାତିଟିଏ ହେବାର ଆଶାକୁ ଛାତି ଭିତରେ ଚାପି ଧରି ଆକାଶରେ ରଚିଲା ନିତି ସାତସପନର କେତେ ଇନ୍ଦ୍ରଧନୁ ।

ନିର୍ଦ୍ଦୟ କାଳ କ'ଣ ଇନ୍ଦ୍ରଧନୁକୁ ଆକାଶରେ ରଖାଇଦେଲା କି ? ପ୍ରସବ ସମୟରେ ଗର୍ଭ ଯନ୍ତ୍ରଣା ସହି ନପାରି ସାବିତ୍ରୀ ଛଟପଟ ହେଇ ଆଖି ବୁଝିଲା, ତା' ସହିତ ବି ଗର୍ଭସ୍ଥ ଶିଶୁ । ପ୍ରଥାନୁସାରେ ଗର୍ଭକୁ ଚିରି ଶିଶୁକୁ ବାହାର କରି ଲୋକେ ଉଭୟ ମା' ଓ ମୃତ ପୁଅକୁ ଏହି ରାସ୍ତା କଡ଼ରେ ବରଗଛ ପାଖରେ ପୋତି ଦେଇଥିଲେ ।

ଝିଅର ଅକାଳ ମରଣରେ ସାବିତ୍ରୀର ମା' ବୁଢ଼ୀ ଝୁରିଝୁରି କଣ୍ଟା ହେଇଗଲା । ସାବିତ୍ରୀର କାନ୍ଦୁରା ମୁହଁକୁ ସବୁବେଳେ ସ୍ୱପ୍ନରେ ଦେଖିଲା । ଗାଁର ନାହାକକୁ ପଚାରିବାରେ ସେ ବୁଢ଼ୀକି କହିଲା ଯେ ତୋ ଝିଅର ଅତୃପ୍ତ ଆତ୍ମା ଚାରିଆଡ଼େ ଘୂରିବୁଲୁଛି । ତୋ ଝିଅର ସମାଧି ପାଖରେ ଯେଉଁ ବରଗଛ ଅଛି, ତା' ମୂଳରେ ପ୍ରତିଦିନ ପାଣି ଢାଳି ଫୁଲଟିଏ ଦେ, ତା'ର ମୋକ୍ଷ ହେବ । ବୁଢ଼ୀ ବଂଚିଥିବା ଯାଏଁ ଏଇ ଗଛମୂଳରେ ପାଣି ଢାଳେ, ଫୁଲ ଦିଏ ।

ସେଇଠୁ ଆରମ୍ଭ ହେଲା ଏକ ମନଗଢ଼ା କାହାଣୀ । କାହା ମୁହଁରୁ କିଏ ଜାଣେ ? ସାବିତ୍ରୀ ଅଶରୀରୀ ଚିରଗୁଣୀ ପାଲଟି କରୁଣ ସ୍ୱରରେ ରାତିରେ ବରଗଛ ପାଖ ବିଲରେ ଗୋଡ଼ ଲମ୍ବେଇ ବସି କାନ୍ଦେ ଏବଂ ନିଆଁ ଜଳାଇ କୋଳରେ ଧରିଥିବା ପୁଅକୁ ସେକେ । ତୁଣ୍ଡ ବାଇଦ ସହସ୍ର କୋଶ ନ୍ୟାୟରେ ଏଇ କଳ୍ପିତ କାହାଣୀ ଚରିଗଲା ଗାଁ କୁ ଗାଁ ଏବଂ ଭରିଦେଲା ଭୟର ଫୁସଫୁସ ସ୍ୱର ସଭିଙ୍କ କାନରେ ।

ଘାଉଲା କହିଲା- ଓହୋଃ,ଏବେ ବୁଝିଲି । ସେଇ ଦିନଠୁଁ ବୋଧେ ଏଇ ବରଗଛ ନାଁ'ଟିଏ ପାଇଗଲା ସାବିତ୍ରୀ-ମା' ବରଗଛ ବୋଲି । ଦେଖୁନ ନନା, ଅନେଶତ ମସିହାର ମହାବାତ୍ୟା ଅବଶ୍ୟ ତା'ର ବଡ଼ ବଡ଼ ଡାଳ ଭାଙ୍ଗି ତାକୁ ଲଣ୍ଡା କରିଦେଲା କିନ୍ତୁ ମୂଳରୁ ଉପାଡ଼ି ନିଶ୍ଚିହ୍ନ କରି ପାରିଲାନି । ଧନ୍ୟ ତା'ର ମାଟି ସହିତ ମଜଭୁତ ଭାବଗତ ସମ୍ପର୍କ ।

ଘାଉଲା ଏତିକିରେ ଅଟକି ନ ଯାଇ ବରଂ ନନାକୁ ଅନାଇ ହସର ବାଣଟିଏ ମାରି କହିଲା- ଯେମିତି ତୁମର ଚନ୍ଦାମୁଣ୍ଡରେ ସାଇତା ସ୍ମୃତି ସିନ୍ଦୁକ ଏଇ ଗାଁର ବାସ୍ନାକୁ ଭୁଲି ନପାରି ଟାଣି ଆଣୁଛି ଅନବରତ ଗାଁକୁ, ସେମିତି ମାଟି ଛାଡ଼ିପାରୁନି ସାବିତ୍ରୀ-ମା' ବରଗଛକୁ ।

ଘାଉଲାର ଏଇ ପଦକ କଥାରେ ଦେବଦତ୍ତ ବାବୁ ଏମିତି ପୂର୍ଣ୍ଣପ୍ରାଣରେ ଅଟ୍ଟହାସ୍ୟ କଲେ ଯେ ଦିଗ୍‌ବଳୟରୁ ମଝି ଆକାଶକୁ ଉଠିଯାଇଥିବା ପୁନେଇଁ ଚାନ୍ଦଟା ସତେକି ତାଙ୍କର ଗୋରା ମୁହଁକୁ ଓହ୍ଲାଇ ଆସିଛି !!!!

ଦେବନ୍ନାଙ୍କ ମୁହଁର ପ୍ରଚଣ୍ଡ ଆଲୋକର ବିକିରଣ ଯୋଗୁ ଘାଉଲାକୁ ଚାରିଆଡ଼େ ଅନ୍ଧାର ଦିଶିଲା । ସେଇ ଅନ୍ଧାର ମଧ୍ୟରେ ନିଜକୁ ଅଣ୍ଡାଳୁଥିବା ସମୟରେ ସେ ଦପ୍‌କିନା ଠିଆ ହେଇ ଆକାଶକୁ ଚାହିଁଲା । ଦେଖିଲା ଯେ ପୁନେଇଁ ଚାନ୍ଦ ଆକାଶରେ ବେଶ କ୍ରୀଡ଼ାରତ । କିନ୍ତୁ ସିମେଣ୍ଟ ସୋଠ ଉପରେ କିଛି ମୁହୂର୍ତ୍ତ ପୂର୍ବରୁ କଥା କହୁଥିବା ଦେବନ୍ନା ସେଠାରେ ନ ଥିଲେ ।

କି ଆଶ୍ଚର୍ଯ୍ୟ ! ବୋଇତାଳୁ ବୋଝ ମୁଣ୍ଡେଇ ଉତ୍କଣ୍ଠିତ ଭାବନାରେ ଘରକୁ ଫେରି ସ୍ତ୍ରୀଙ୍କ ପାଖରୁ ଘାଉଲା ନାହାକ ଶୁଣନ୍ତି - ହେଇ ଶୁଣୁଛ, ଆଜି ନା' ଟିଭି ରାତି ଦଶଟା ନ୍ୟୁଜ୍‌ରେ କହୁଥିଲା - ମାସିଭ୍ ହାର୍ଟ ଆଟାକ୍‌ରେ ଭାରତର ବିଶିଷ୍ଟ ବୈଜ୍ଞାନିକ ଦେବଦତ୍ତ ସେନାପତିଙ୍କର ଅଶୀ ବର୍ଷ ବୟସରେ ମୃତ୍ୟୁ ହେଇଛି ।

ଘାଉଲା ନାହାକ ଚମକି ଉଠିଲା । ତା'ର କଣ୍ଠ ଅଠା ଅଠା ଲାଗିଲା । ସ୍ତ୍ରୀଙ୍କ ହାତରୁ ପାଣି ଗ୍ଲାସ୍‌ଟିଏ ଢକଢକ ପିଇ, ବାଷ୍ପରୁଦ୍ଧ କଣ୍ଠରେ କହିଉଠିଲେ- ଦେବନ୍ନା, ଗାଁକୁ ଜୀବନ ସାରା ଭଲ ପାଉଥିବା ମଣିଷର ତୁମେ କ'ଣ ଏବେ ପ୍ରେତ !!!!

ଓଓ

**ମନୋଜ କୁମାର ମହାପାତ୍ର,** ଭୁବନେଶ୍ୱର । ସମ୍ପାଦକ ନିତିଦିନ, ନନ୍ଦିକା, ଓ ଉତ୍ତିଷ୍ଠତ । ପ୍ରକାଶିତ ପୁସ୍ତକ ସଂଭାର: ୧୨'ଟି ଅନୁବାଦ ପୁସ୍ତକ, ୯'ଟି ଉପନ୍ୟାସ, ୭'ଟି ଜୀବନୀ, ୫'ଟି ଗଳ୍ପ ସଂକଳନ, ୪'ଟି ଶିଶୁ ସାହିତ୍ୟ ପୁସ୍ତକ, କବିତା ସଂଗ୍ରହ । ଏହା ସହ ଅନେକ ସାମ୍ପ୍ରତିକ, ଆଧ୍ୟାତ୍ମିକ ଓ ଅନ୍ୟାନ୍ୟ ବିଷୟରେ ନିୟମିତ ପ୍ରବନ୍ଧ ଲେଖନ୍ତି । ବହୁ ସାମାଜିକ, ସାରସ୍ୱତ ଓ ଆଧ୍ୟାତ୍ମିକ ସଂସ୍ଥାମାନଙ୍କ ସହ ଜଡ଼ିତ । www.manojmahapatra.in

ଓଓ

# ଅପହଞ୍ଚ ଈଶ୍ୱର

**ଇପ୍ସିତା ଷଡ଼ଙ୍ଗୀ**

ଅବିଶ୍ୱାସରେ ବଞ୍ଚି ବଞ୍ଚି
ବିଶ୍ୱାସ ଉପରେ ଆଉ ବିଶ୍ୱାସ ନାହିଁ ଈଶ୍ୱର !
ପୀଠ ଉପରେ ଠିଆହେଇଥିବା
ତୁମ ମଣିଷ ଜଣେ
ପଥରକୁ ଆଂଗୁଠି ଦେଖେଇ
କହିଲେ - ଦେବତା;
ମୁଣ୍ଡିଆ ଆଳରେ ରକ୍ତ ଅଜାଡ଼ିଲୁ
ମିଳିଲାନି ବିଶ୍ୱାସ, କି ତୁମେ ଈଶ୍ୱର !

ଗୀର୍ଜାର ଉଚ୍ଚ ଖୁମ୍ବ ଦେଖେଇ
ଜଣେ କହିଲେ - ଏଠି ମହମବତୀ ଜାଳ,
ମହମ ଭିତରେ
ଜୀବନକୁ ସଳିତା କଲୁ
ରକ୍ତ ଗଙ୍ଗାରେ 'ଡୁବକ' ଦେଲୁ
ମିଳିଲନି ତୁମେ ଈଶ୍ୱର !

ଶୂନ୍ୟଘରେ ଏକ ଅଣାକାର ରୂପ
ତୁମେ ପଠେଇଥିବା (?) ମଣିଷ ଜଣେ
ଦି ହାତ ଟେକି "ଦୁଆ" ମାଗ କହିଲେ
ମାଗିଲୁ ଜୀବନଲାଗି ଟିକଏ ବିଶ୍ୱାସ
ପାଇଲୁ ସମୁଦ୍ରେ ପାଣିର ମୋହଭଙ୍ଗ ।

ଏବେ ଲାଗୁଛି
ପଥର ଈଶ୍ୱର ଆଉ ପଥର ମଣିଷ
ଭିତରେ
ବିଶ୍ୱାସ ବି ପଥର ପାଲଟି
କେଉଁଠି ଅପହଞ୍ଚ ଈଶ୍ୱର ସାଜିଛି ।

ଆମେ ଏବେ
କେଉଁ ଅପହଞ୍ଚ ଲକ୍ଷ୍ୟର
ଯାତ୍ରୀ କେଜାଣି ?

ଓଓ

# ଗାନ୍ଧୀ

**ଇପ୍ସିତା ଷଡ଼ଙ୍ଗୀ**

ଗାନ୍ଧୀ ଗୋଟେ ପ୍ରତୀକ
କିଛି ଲୋଗୋର ସମାହାର
ଗୋଟେ ବ୍ରାଣ୍ଡ୍
ଯେଉଁଠି ସବୁ କର୍ମ, ଅପକର୍ମ, କୁକର୍ମ
ଢାଙ୍କି ହେଇଯାଏ ସହଜରେ ।

ଗୋଲ ଗୋଲ ଚଷମା ଆଙ୍କି
ସ୍ୱଚ୍ଛତାର ଡିଣ୍ଡିମ ପିଟି ହୁଏ
ନିଜ ଅଣ୍ଟି ଭିତରର ପାପକୁ
ନୂଆ ନୂଆ ଆଖ୍ୟାନରେ ବଦଳେଇ ଦେଇହୁଏ ।

ବଙ୍କୁଲି ବାଡ଼ିଟି ବି
ଏବେ ଜାଗ୍ରତ ପ୍ରହରୀଟିଏ ।
ଆଣ୍ଠୁ ତଳକୁ ଯାଉ ନଥିବା ଧୋତି
ଏବେ ଖଟିଖିଆଙ୍କ ପାଇଁ ଦରଦ,
ସେ ପିନ୍ଧୁନଥିଲେ ବି
'ଗାନ୍ଧୀ ଟୋପି'ଟି ମୁଣ୍ଡର ଅଠାକୁ
ଲୁଚେଇ ପାରିବାର ଚମତ୍କାର ବସନ ।

ଘଣ୍ଟାର ଉଦାହରଣ ଦେଖେଇ
ସମୟଜ୍ଞାନ ଦେଉଥିବା ଲୋକଟି
କିନ୍ତୁ ନିଜ ସମୟକୁ ନେଇ
ସଦାକାଳେ ବେଫିକର ।

ସବୁ କିଛିର ଗନ୍ତାଘର ତୁମେ - ବାପୁ;
ବସନ ଭୂଷଣ ଠାରୁ ଦର୍ଶନ ଯାଏଁ
ଯାହାର ଯେମିତି ଆଉ ଯେତିକି ଲୋଡ଼ା
ସେଇତକ ହିଁ ସେ ନେଇଯାଏ ତୁମଠାରୁ ।

ତୁମେ ଦେଇଥିବା ସ୍ୱାଧୀନତା ଆଉ କ'ଣ ଯେ ?

ମଣିଷ, ଆଦର୍ଶ, ଦର୍ଶନ - ଏ ସବୁର ଉର୍ଦ୍ଧ୍ୱରେ
କିଏ କ'ଣ କ'ଣ ପାଇଯା'ନ୍ତି,
ହେଲେ ମତେ ତୁମ ପ୍ରତିମୂର୍ତ୍ତି ଆଖିରୁ
ଅନବରତ
ଲୁହ ଝରୁଥିବାର ଦେଖାଯାଏ ।

ଇଚ୍ଛା ହୁଏ ତୁମେ ଫେରି ଆସନ୍ତ କି !

ଫେରି ଆସନ୍ତ କି !
ମୂର୍ତ୍ତିରୁ ମାନବତ୍ୱ ଆଡ଼କୁ ଯାତ୍ରା
ତୁମ ପାଇଁ ଜମା କଠିନ ତ ନୁହେଁ, ବାପୁ
ଜମା କଠିନ ତ ନୁହେଁ ।

୦୦

# ମୁଁ: ନାରୀ

**ଈପ୍ସିତା ଷଡ଼ଙ୍ଗୀ**

ମୁଁ ଦେଇଆସିଥିଲି ମୋ ସୁକୁମାରପଣକୁ
ମା' ଜରାୟୁର ସେ ଫୁଲକୁ
ପୋତିହେଇ ନଷ୍ଟ ହେବାକୁ ଯେବେ ମୁଁ ଜନ୍ମ ନେଲି;

ଯେବେ ମୁଁ ବଡ ହେଲି ମା' କହିଲା,
ମୁଁ ଜ୍ଞାନ ପାଇଲିଣି,
ମୁଁ ଶିଖିଲି ସଂକୋଚନ ମୋ ଭିତରେ,
ଶିଖିଲି ଲାଜ,
ଶିଖିଲି ହଜେଇଦେବା ନିଜକୁ
ଜାଣି ଜାଣି ମାଟିରେ
ଦେଇଦେଇଆସିବା ସବୁ ଅଧିକାର
ବାପ ଭାଇଙ୍କୁ ଛୁଇଁବାର !

ଥୋଇଦେଇ ଆସିଥିଲି ନିଦକୁ
ମୋ ପିଲାଦିନର ନରମ ଶେଯରେ
ଗେଲବସର ଅଳସପଣକୁ ହଜେଇଦେଲି
ସଣ୍ଢଣାର କୋଉ କାଠଗଡ଼ାରେ ଯେବେ ମୁଁ ବାହାହେଲି ।

ଏବେ ମୁଁ ଆଉ ମୋ ଅନିଚ୍ଛା
ମୁହାଁମୁହିଁ ହେଇ ବସିଛନ୍ତି ରୁଦ୍ଧଦ୍ୱାର ଘରେ,
ଅନ୍ଧାରରେ,
ଅଣ୍ଡାଳୁଛନ୍ତି ପରିଚୟ
ଅବିରତ ଲାଗିପଡିଛନ୍ତି ଲଦିଦେବାକୁ ନିଜନିଜ ଇଚ୍ଛା,
ଅହଂକାର, ଅଭିମାନ, ଅସୂୟାକୁ
ଅପର ଅପର କାନ୍ଧରେ ।

ହାର, ଜିତ୍ ଏଠି ସବୁ ଏକାକାର
ଅନ୍ୟମନସ୍କ ଚାହାଁଣିର କେଉଁ ଏକ ଅସ୍ପଷ୍ଟ ବିନ୍ଦୁରେ ।

ଓଓ

# ଦେବୀ


## ଇପ୍ସିତା ଷଡ଼ଙ୍ଗୀ


ନା ମୋ ଗତିରେ, ନା ମୋ ସ୍ଥିତିରେ,
କି ସ୍ଥବିରତାରେ,
ମୋ ଅଭିମାନର ହ୍ରଦରେ
କେବେ କିଛି ବଦଳିଥିଲା !!

ମୁଁ ସଜେଇ ହେଇ ଠିଆ ହେଲି ଘରେ
ତୁମେ କହିଲ ଦେବୀ,
ସାଜ ପିନ୍ଧି ଓହ୍ଲେଇଲି ଯୁଦ୍ଧକୁ
ତୁମେ କହିଲ ସଂହାରିଣୀ ।।

ପୀଠରେ ପୂଜିଲ ମତେ,
ଘାଟରେ କଲ ବିସର୍ଜନ;
ମାଟିର ସ୍ନେହ ଦେଲି,
ଶ୍ରଦ୍ଧା ଦେଲି ସମୁଦ୍ରର
ହେଲି ସର୍ବଂସହା,
ହେଲି ମୁଁ ଧରିତ୍ରୀ ।।

ଦୟାରେ କ୍ଷମା କଲି ମୁହିଁ ହେଲି କାତ୍ୟାୟିନୀ
ପ୍ରେମରେ ସାଉଁଟି ସରିଲି ତିଳ ତିଳ
କେବେ ହେଲି ଉର୍ବଶୀ, କେବେ ଅବା ସଙ୍ଗିନୀ !!

ନିଜ ନାଆଁରେ ବଞ୍ଚିଲି ବା କେବେ ?

ଆଜି କିନ୍ତୁ ବଦଳେଇଦେବାକୁ ହେବ
ସେ ପୁରୁଣା ଆକାଶର ସିଲଟ ।।

ମାଟିକୁ ଫାଟି ଯା' କହି,
ହେବିନି ପଳାୟନପନ୍ଥୀ,
ଅଭିଶାପର ଆଭୂଷଣରେ
ପାଷାଣ କରି ନିଜକୁ
ଠିଆ କରେଇବିନି ଆଉ
କୋଉ ଋଷି ଦ୍ୱାରରେ ।।

ଅପେକ୍ଷା ବୋଲି ଗୋଟେ ଶବ୍ଦ,
ସେ ହେଉ ପଛେ ପୁରୁଷୋତ୍ତମଙ୍କୁ,
ଲିଭେଇଦେବାକୁ ହେବ ମନରୁ, ଆକାଂକ୍ଷାରୁ,
ଅଳୀକ ସବୁ ଅଳି ଭିତରୁ ।।

ଏବେ ପାଦ ଉଠିଚିମାନେ
'ନ ଯଯୌ ନ ତସ୍ଥୌ' ନୁହେଁ ।।

ଉଠି ଚାଲିବ ପାହାଚ ପରେ ପାହାଚ
ଆଉ ପହଞ୍ଚିବାକୁ ହେବ
ଗମ୍ଭୀରାରେ, ଗର୍ଭ ଗୃହରେ,
ପାଦ ଚିହ୍ନ ଛାପ ରହିଯିବ
ସ୍ୱର୍ଗ, ମର୍ତ୍ତ୍ୟ, ପାତାଳରେ ।

ନୀତି ଜାଣିଥିବା ପାମରଙ୍କୁ
ଶିଖେଇବାକୁ ହେବ ଏବେ
ପବିତ୍ରତା କେଉଁ ଦେହରେ କେମିତି ଥାଏ,
କେତେଥାଏ ମନରେ,
ବିନ୍ଦୁ ବିନ୍ଦୁ ଅମୃତ ପରି ସାଇତା ! ...

ଓଓ

# ତିନୋଟି ଅବବୋଧ

**ଇପ୍ସିତା ଷଡ଼ଙ୍ଗୀ**

### ୧) ଆୱାର୍ ଗ୍ଲାସ୍

ଜୀବନର ଗୋଟିଏ ଗୋଟିଏ ଦିନ
ଖସି ଚାଲିଥିଲା ।
ଜୀବନଟା ଆୱାର୍ ଗ୍ଲାସ୍ ପରି ହୋଇଥାଆନ୍ତା କି
ଓଲଟେଇ ଦେଉଥିଲେ
ବାଲି ପରି
ଫେରି ଆସୁଥା'ନ୍ତା ଖସିଯାଇଥିବା ମୁହୂର୍ତ୍ତ ସବୁ ।

### ୨) କ୍ୟାଲେଣ୍ଡର

ହାତମୁଠାରେ ଧରି ରଖିବାର ଚେଷ୍ଟା କରିଚାଲିଥିଲି ।
ଖୁବ୍ ଶକ୍ତ ଥିଲା ମୋ ହାତମୁଠାର ଜାବ ।
ସମୟ ବି ନା.... ଧେତ୍ ।
ପାଣି ପରି, ପବନ ପରି
ଟିକିଏ ଗଳିବାଟ ପାଇଲେ
ଖସି ଚାଲିଯିବାର ମଉକା ଛାଡ଼େନି ।
ଖସି ଖସି ଚାଲୁଥିଲା ସମୟ
ଜୀବନ କ୍ୟାଲେଣ୍ଡରରୁ ।

ꝏꝏ

### ୩) ମହମବତୀ

ମୋର ଦେଖିବାର ଥିଲା
ଲୀଳାମୟ ଭଙ୍ଗୀରେ
ସେ କେତେ ସମୟ ଜଳି ପାରୁଚି
ନିଜକୁ ଜାଳି ଜାଳି !
ସେ ବି ଚାହିଁଥିଲା ଦେଖିବାକୁ
କେତେ ସମୟ
ବଂଚି ପାରୁଚି ମୁଁ ଜଳି ଜଳି !

ꝏꝏ

**ଇପ୍ସିତା ଷଡ଼ଙ୍ଗୀ,** ଲେଖିକା, ଅଧ୍ୟାପିକା, ଅନୁବାଦିକା । ୬ଟି କବିତା ସଙ୍କଳନ, ୭ଟି ଅନୁବାଦ ସଂକଳନ ଓ ୨ଟି ପ୍ରବନ୍ଧ ପୁସ୍ତକର ରଚୟିତା । ଇପ୍ସିତା ଷଡ଼ଙ୍ଗୀଙ୍କ ଅନେକ କବିତା ଅନୂଦିତ ହୋଇ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ। ବହୁ ସାରସ୍ୱତ ସଂସ୍ଥା ଦ୍ୱାରା ପୁରସ୍କୃତା; ତନ୍ମଧ୍ୟରୁ କେତୋଟି ହେଲା: ରାଜ୍ୟ ଯୁବ ପୁରସ୍କାର, ହାଜି ଅସ୍ରଫ୍ ଅଲ୍ଲୀ ଉଦୟ ପ୍ରତିଭା ସମ୍ମାନ, ଲେଖାଲେଖି ଯୁବକବି ପୁରସ୍କାର, ବିଦଗ୍ଧକବି ଅଭିମନ୍ୟୁ ଯୁବକବି ସମ୍ମାନ, କଳିଂଗ ଲିଟ୍ରାରୀ ଫେଷ୍ଟିଭାଲ୍ ସମ୍ମାନ, ଉତ୍କଳମଣି ଯୁବ ପ୍ରତିଭା ସମ୍ମାନ, ବ୍ରହ୍ମପୁର ମହାନଗର ପୁସ୍ତକ ମେଳା ସମ୍ମାନ, ଜ୍ଞାନଦା ଯୁବ ସମ୍ମାନ, ଚଉଷଠି ଯୋଗିନୀ ଯୁବସାହିତ୍ୟ ସମ୍ମାନ, ବସନ୍ତ ମୁଦୁଲି କବିତା ପୁରସ୍କାର, ପରାଗ ସାହିତ୍ୟ ସମ୍ମାନ । ଜାତୀୟ କବି ସମ୍ମିଳନୀ ଅନେକବାର ଓଡ଼ିଶାର ପ୍ରତିନିଧିତ୍ୱ, ବିଭିନ୍ନ କବିତା ଉତ୍ସବ ଆଦିରେ ଯୋଗଦାନ ସହ ରେଡ଼ିଓ ଓ ବିଭିନ୍ନ ଟେଲିଭିଜନ୍ ଚ୍ୟାନେଲ୍ ରେ କବିତାପାଠ/ଆଲୋଚନାରେ ଅଂଶ ଗ୍ରହଣ କରିଛନ୍ତି । ଭୁବନେଶ୍ୱରରେ ରହନ୍ତି ।

ꝏꝏ

# ଏକ ଅପାସୋରା ପ୍ରେମ

## କୁଞ୍ଜ ବିହାରୀ ସାହୁ

ମ୍ୟାନେଜରଙ୍କ ମୋବାଇଲରୁ କଲ୍ ଆସିଗଲା । ଏକ ଜରୁରୀ କାମ ଥିଲା କର୍ପୋରେଟ୍ ଅଫିସରେ । ତରବର ହୋଇ ଜଳଖିଆ ଖାଇ ବାହାରିପଡ଼ିଲେ ଦୀପକ । ନବ ବିବାହିତା ମଧୁଲଗ୍ନାକୁ ଆସୁଛି କହି ସାନ୍ତ୍ୱନା ଦେଲେ । ହଁ ହଁ ବେଳ ଥାଉ ଥାଉ ଫେରିଆସିବି ମଧୁ । ଅପେକ୍ଷା କରିଥିବ । ଫେରିଲାବେଳକୁ ବାଗଦା ଚିଙ୍ଗୁଡ଼ି ତରକାରି ନେଇଆସିବି । ତୁମ ଓଠଛୁଆଁକୁ ଟିକେ ଦିଅ ନା ।

ପୋର୍ଟିକୋରେ ଏକ ଗୋଲାପି କିସ୍ ଦେଇଦେଲେ ମଧୁଲଗ୍ନା । ଲିପଷ୍ଟିକ ଲାଗିଗଲା ଦୀପକର ଚିବୁକରେ ।

ବାଟଅଧରେ ବୁଲେଟର ମିରର ଦେଖିଲେ ଦୀପକ, ଚିବୁକରେ ପ୍ରିୟତମାର ଗୋଲାପି କିସ୍‌ର ଛିଟା । ପୋଛିଦେଲେ ରୁମାଲରେ । ମୃଦୁ ମଳୟ ମରୁତ ପରି ଓଠରେ ହସର ଧାର ବହିଗଲା । ଅଳ୍ପ ସମୟର ବ୍ୟବଧାନରେ ପହଞ୍ଚିଗଲେ କର୍ପୋରେଟ ଅଫିସରେ ।

ବ୍ୟସ୍ତ ରହିଲେ ଫାଇଲ ଭିତରେ ଦୀପକ ।

ମଧୁଲଗ୍ନା ଏକାକୀ ଘର ଭିତରେ । ଗାଁରୁ ସହରକୁ ଆସିଛନ୍ତି, ଅଡୁଆ ଲାଗୁଛି ।

ଅପ୍ରତ୍ୟାଶିତ ଭାବେ ଆକାଶରେ ଘଡ଼ଘଡ଼ିର ଆୱାଜ ଶୁଭିଲା । ବୈଶାଖର ଅଦିନ ମେଘ । ଝଡ଼ ତୋଫାନର ମୃଦୁ ଶବ୍ଦ ପରିବେଶକୁ ଚମକାଇଦେଉଥିଲା । ବରକୋଳି ପରି ବର୍ଷାଟୋପାରେ ମଝି ଦାଣ୍ଡରେ ପାଣିର ସୁଅ ବୋହିଗଲା ।

ମନରେ ଆଶଙ୍କା ଗୁଡ଼େଇ ତୁଡ଼େଇ ହେଲା ମଧୁଲଗ୍ନାର । ଶିହରି ଉଠିଲା ଭୟରେ । ମଫସଲି ଝିଅ । ସହରରେ ନୂଆ ନୂଆ ପାଦଦେଇଛି । ପଡ଼ୋଶୀମାନଙ୍କ ସହ ମିଶିନି ସହଜରେ । କଅଁଳ ମନ । ଘରକୁ ପଶିଆସୁଛି ବିଜୁଳି । ଦରମେଲା ଦୁଆର କବାଟକୁ ବନ୍ଦ କରିଦେଲା ଗୋଟେ ନିଃଶ୍ୱାସରେ । ଏକଲା ଖଟ ଉପରେ ବସି ମନକୁ ମନ ଭାବିନେଲା ଅସଜଡ଼ା କଥା । ଅବିବାହିତା ଥିଲାବେଳେ ଏମିତି ବର୍ଷାକୁ ଖାତିର ନଥିଲା । ଭିଜିବାରେ ମଜା ଥିଲା । ଓଦା ଦେହକୁ ଦେଖି ଅତିଶୟ ଖୁସି ହେଉଥିଲା । ଘରେବସି ଦେଖୁଥିଲା ବର୍ଷାର ମତୁଆଲା ଚିତ୍ର ଆଉ ଭିଜିବାର ନିଆରା ଆନନ୍ଦକୁ । ଚାଟିଙ୍ଗ କରୁଥିଲା ସାଥୀମାନଙ୍କୁ ।

ଏବେ କିନ୍ତୁ ମଧୁଲଗ୍ନା ଭୟରେ ଥରୁଛି । ଦେହର କଅଁଳ ମାଉଁସ ଶିହରି ଯାଉଛି । ସ୍ୱାମୀଙ୍କ କଥାକୁ ତଣ୍ଟିରେ ଗୁଡ଼େଇ ରଖିଲା ।

ମଧୁଲଗ୍ନା ରୋଷେଇ ଘରେ ଭାବିଲା ଆଜି ଭଲ ଡିସ୍ ବନେଇବାକୁ ପଡ଼ିବ ସ୍ୱାମୀଙ୍କ ପାଇଁ । ରୋଷେଇ ଘରଟିକୁ ସଜାଡୁ ସଜାଡୁ ମେଞ୍ଚାଏ ପିମ୍ପୁଡ଼ିକୁ ଝାଡୁରେ ସଫା କରିଦେଲା । ଲକ୍ଷ୍ମଣରେଖା ଖଡ଼ିରେ ଗାରେଇଦେଲା ରୋଷେଇଘର କାନ୍ଥକୁ । ଭୟରେ ଅସରପାମାନଙ୍କର ପିଳେହିପାଣି । ବିରି ମାଡ଼

ଦେଖି କୋଳଥ ଚୋପା ପରି ନିଜକୁ ବଞ୍ଚେଇବା ପାଇଁ ଅସରପାସବୁ ଏଣେତେଣେ ଉଡ଼ିଲେ । ମନମୁଖୀ ଶାସନ ଆରମ୍ଭ କରିଦେଲେ । ମଧୁଲଗ୍ନାଙ୍କ ଦେହ ସାରା ଚରିଗଲେ ଅସରପାଗୁଡ଼ିକ ବେଧଡ଼କ ଭାବରେ । ନିଜକୁ ଅସହାୟ ବୋଧକଲା ମଧୁଲଗ୍ନା । ରୋଷେଇ କିଭଳି ଆରମ୍ଭ କରିବ, ଛୁଆ ଅସରପାଗୁଡିକ ନାଇଟି ଭିତରେ ଉତ୍ପାତ ଆରମ୍ଭ କରିଦେଲେଣି । ନାଇଟିଟିକୁ ଖୋଲିବାକୁ ଚାହୁଁ ନଥିଲା ସହଜରେ ମଧୁଲଗ୍ନା । ନିଜ ଗୋରା ତକତକ ଚେହେରାଟିକୁ ଦେଖି ବଡ଼ ଈର୍ଷା ମଣୁଥିଲା ସେ । ଅସରପାଗୁଡ଼ିକର ଅସଂଯତ ଆକ୍ରମଣରେ ଅତିଷ୍ଠ ହୋଇ ବାଧହେଲା ନାଇଟିଟିକୁ ଖୋଲିଦେବାକୁ । ବାହାହେଲାପରେ ଦେହର ମାନଚିତ୍ର ଏତେ ସୁନ୍ଦର ଦେଖାଯାଏ ବୋଲି କଳ୍ପନା କରିପାରିଲାନି ସେ । ଦେହରେ ଯୌବନ ଆସିବାଠୁ ବାହାଘର ପରେ ଦେହଟା ସତରେ ଏତେ ରୋମାଣ୍ଟିକ୍ ଦିଶିଯାଏ । ମନେମନେ ଗୁଣୀ ହେଲା । ଓହୋ !

ବାହାରେ ବର୍ଷା ଥମିଯାଇଛି । କେବଳ ଦଲକାଏ ପବନ ଘୂରିବୁଲୁଛି । ନିର୍ମଳ ଆକାଶ । ଝର୍କାରେ ଦେଖୁଥିଲା ମଧୁଲଗ୍ନା ଏକଲୟରେ । କଲିଂବେଲ୍ ବାଜିଲା । ଏତେ ଶୀଘ୍ର ଦୀପକ ଫେରିଆସିଲେ ନା ଆଉ କିଏ ଅଜଣା ଲୋକଟିଏ କଲିଂବେଲରେ ଆଙ୍ଗୁଠି ମାରିଦେଇଛି ! ସନ୍ଦିହାନରେ ମଧୁଲଗ୍ନା ।

ନାଇଟିଟିକୁ ତରବରରେ ଦେହ ଉପରେ ଥାପିଦେଇ ମଧୁଲଗ୍ନା କବାଟ ଖୋଲିଲା । ଚମକିଗଲା ଦୀପକଙ୍କୁ ଦେଖି । ମୁହଁ-ହାତରେ କ୍ଷତ ଚିହ୍ନ । ମଦନିଶାରେ ଟୁଲ୍ ଟୁଲ୍ । ବିଶ୍ୱାସ କରିପାରିଲାନି ନିଜକୁ । ନିରୀହ ଦୀପକ ପାଖରେ ଏସବୁ ସମ୍ଭବ ହେଲା କେମିତି ? ସେ ତ କେବେ ନିଶାପାଣିର ଭକ୍ତ ନ ଥିଲେ ! ନିଶାରେ ଚୁର୍ ହୋଇ ବି ମଧୁଲଗ୍ନାର ଗୋରା ଦେହଟିକୁ ଠିକ୍ ଦେଖିପାରୁଥିଲେ ଦୀପକ । ନିଜ ଭୁଲଟିକୁ ଆଡ଼େଇ ବରଂ ରାଗିଗଲେ ଅତର୍କିତ । କିଛି ଶୁଣିବା ଆଗରୁ ବକିଗଲେ ୟାଡ୍ରୁ ସ୍ୟାଡ୍ରୁ ମଧୁଲଗ୍ନା ଉପରେ । କାକୁସ୍ଥ ପରି ଶୁଣି ସହିଗଲା ମଧୁଲଗ୍ନା । କେମିତି ବୁଝେଇବେ ଯେ ଦୁଷ୍ଟ ଅସରପା ପାଇଁ ତାଙ୍କର ଏ ଅବସ୍ଥା ! ହାତ ଧରି ଧରି ବେଡ଼ରୁମକୁ ନେଇଗଲା ସ୍ୱାମୀଙ୍କୁ । ଆଦର ଯତ୍ନରେ ସେବା କଲା ପତିପରାୟଣା ମଧୁଲଗ୍ନା । କାରଣ, ବୁଝିପାରିଛି ଦୀପକଙ୍କର ନିଜ ଇଚ୍ଛାରେ ଏସବୁ ହେଇ ନଥିବ । କେହି ଜଣେ ଈର୍ଷାଳୁ ପ୍ରତିଶୋଧ ପରାୟଣ ହୋଇ ଏମିତି କାଣ୍ଡ ଭିଆଇଛନ୍ତି । ଦୀପକଙ୍କୁ ବଦନାମ୍ କରିବାକୁ ଅଣ୍ଟା ଭିଡ଼ିଛନ୍ତି ।

ପତ୍ନୀ ମଧୁଲଗ୍ନାର କୋମଳ ସେବା-ଯତ୍ନରେ ଦୀପକଙ୍କର ନିଶା ଖସିଗଲା ଆପଣାଛାଏଁ । ଏକ ଲୟରେ ଚାହିଁ ରହିଲେ ପତ୍ନୀଙ୍କୁ । ପିଲାଟି ପରି କଇଁ କଇଁ ହୋଇ କାନ୍ଦିପକାଇଲେ ନିଜ ଭୁଲ୍ ପାଇଁ ।

ତୁମେ ଏତେ ଶୀଘ୍ର ଫେରିଆସିଲ ଯେ । କାହିଁ ହାତରେ ତ ଚିଙ୍ଗୁଡ଼ି ତରକାରି ନାହିଁ । ପୁଣି ତୁମକୁ କିଏ ମଦ ପିଆଇଦେଲା । ଆଜି ବୋଧେ ନିଶାପାଣି ପିଇବାକୁ ଇଚ୍ଛା ହେଲା ? କ'ଣ ତୁମ ମ୍ୟାନେଜର ମଦ ପିଅନ୍ତି କି ? ମଧୁଲଗ୍ନା ରାଗ ଅଭିମାନ ସ୍ୱରରେ ପଚାରିଦେଲା ।

ନିଶା ଖସିଯାଇଥିଲେ ବି ହାଙ୍ଗଓଭର ଥିଲା ଦୀପକର । ଖନେଇ ଖନେଇ କହିଲେ- 'ମଧୁ, ମୁଁ ଯେତେ ମନାକଲେ ବି ମ୍ୟାନେଜର ମୋତେ ବାଧରେ ଦୁଇ ପେଗ୍ ଦେଲେ । ସହଳ ପ୍ରମୋଶନ ହୋଇଯିବ କହି ଅଫିସ ଫାଟକ ଖୋଲିଲେ, ଗାଡ଼ି ଷ୍ଟାର୍ଟ କଲେ । ହତଚକିତ ହୋଇଗଲି ମୁଁ । ମୋତେ ଫୋନ

କରି ଅଫିସକୁ ଡାକିଲାପରେ ସେ କାହିଁକି ଗାଡ଼ି ଷ୍ଟାର୍ଟ କରି ପଳେଇଯିବାକୁ ଉଦ୍ୟତ ହେଉଛନ୍ତି । ବୁଝିଯାଇଥିଲି ମୋତେ ନିଶାପାଣି ଦେବାର ମତଲବ କ'ଣ ? ମୋ ମନରେ ଅବାଗିଆ ଭାବନା ପଶିଆସିଲା । ମୁଁ ଆଉ ସମ୍ଭାଳିପାରିଲିନି । ଯଦି ଏ ଲମ୍ପଟ ମ୍ୟାନେଜର ଆମ ଘରକୁ ଆସିଯିବେ... ? ତୁମ ଗୋଲାପି ଗୋଲାପି ଦେହଟା କିଛି ମୁହୂର୍ତ୍ତ ପାଇଁ ଆଉ କାହାର ସେବାରେ ଲାଗୁ, ମୁଁ ଚାହୁଁ ନଥିଲି । ମୁଁ ନିଶାରେ ଫେରିଆସିଲି ଘରକୁ । ତୁମେ ରାଗିପାର । ମୋତେ ଭୁଲ ବୁଝିପାର । ଯାହାହେଉ ଠାକୁରେ ଆମର ସାହା ଭରସା । ବାଟ ଦେଖେଇଦେଲେ, ସୂଚେଇଦେଲେ ଆଗତୁରା କିଛି ଅଘଟଣ ନ ଘଟୁ । ସମୟ ଆମକୁ ସାଥ୍ ଦେଲା । ନୋହିଲେ କ'ଣ ହେଇଥାନ୍ତା କେଜାଣି ?'

ଚୁମ୍ବକୀୟ କଥା ଶୁଣି ମଧୁଲଗ୍ନା ନିଜକୁ ବିଶ୍ୱାସ କରିପାରିଲାନି । ସତରେ, କର୍ପୋରେଟ ଅଫିସରେ ମ୍ୟାନେଜରମାନେ ଏତେ କାମୁକ ! ହଁ ଏଇଟା ତ ମେଟ୍ରୋସିଟି । ନିରବିଗଲା କ୍ଷଣିକ ମଧୁଲଗ୍ନା । ହେଲେ ଆପଣାର ଅସଜଡ଼ା କଥାଟିକୁ କେମିତି ଉପସ୍ଥାପନା କରିବ, ଭାବିପାରିଲାନି ସହଜରେ । ମନ ଆଇନାରେ ନିଜକୁ ଆବିଷ୍କାର କଲା ମଧୁଲଗ୍ନା । ସତରେ ମୁଁ ଏତେ ସୁନ୍ଦର ? ଦୀପକକୁ ସାହସପଣରେ କହିଦେଲା- ତୁମେ ତ ମୋର ଇହକାଳ ପରକାଳର ଦେବତା । ଫୁଲ ହୋଇ ତୁମ ଗଳାରେ ଲମ୍ବିଯାଇଛି ବାହାଘର ହୋମନିଆଁରୁ । ଦେହଟାକୁ ସମର୍ପି ଦେଇଛି ଗୋଟାପଣେ । ଆଉ କାହାକୁ ଦେଇପାରିବି କେମିତି ? ତୁମ ମ୍ୟାନେଜର ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ଉଛି କୋଉ ସାହସରେ । ମୁଁ ମଫସଲି ଝିଅ ହୋଇପାରେ । ମୁଁ କିନ୍ତୁ ସତୀ ଅନସୂୟା ।

ହଉ ହଉ... ଆସ ଦେଖିବ । ମୋ ଅଧା ଖୋଲା ଦେହଟିକୁ ଦେଖି ରାଗି ଯାଉଥିଲ ନା, ଦେଖୁନ ଏ ରୋଷେଇ ଘରକୁ । କେତେ ଅଳିଆ ଅସନା ହେଇଥିଲା । ସାଲୁବାଲୁ ପିମ୍ପୁଡ଼ି । ପୁଣି ଦଗାଦିଆ ଅସରପା । ଝାଡ଼ିଝୁଡ଼ି ସଫା କରିଦେଲାବେଳକୁ ତୁମେ ପୁଣି ମୋ ଉପରେ ଅଦିନ ମେଘ ପରି ଗର୍ଜିଉଠୁଛ । ସତରେ ଭଲ ଲାଗୁନି ଏ ସଫାସୁତୁର ରୋଷେଇଘରଟା ? ମଧୁଲଗ୍ନା କହିଦେଲା ଏକ ନିଶ୍ୱାସରେ ।

ରୋଷେଇଘରର କାନ୍ଥବାଡ଼କୁ ଚାହିଁଦେଲେ ଅପଲକ ଆଖିରେ ଦୀପକ । କୋଉ କଣରେ ଅସରପାଗୁଡ଼ିକ ମୁହଁକୁ ଲୁଚାଇ ଗୁମ୍‌ସୁମ୍.ହୋଇଯାଇଥିଲେ । କାଳେ ଅକଥନୀୟ ଅତ୍ୟାଚାର ଆରମ୍ଭ ହେଇଯିବକି ତାଙ୍କ ଉପରେ ! ଭେଳା ଭେଳା ପିମ୍ପୁଡ଼ି ବି ଆଖିସାମ୍ନାରୁ ଦୂରକୁ ପଳେଇଥିଲେ । ଜାଣିପାରିଲେ ମଧୁଲଗ୍ନା ରୋଷେଇଘରକୁ ସଫାସୁତୁରା କରିଦେଇଛନ୍ତି । ମଫସଲି ହେଲେ ବି ଆଦର୍ଶ ଗୃହିଣୀ । କାମରେ ପଟୁ ।

ତେବେ ଆଉ କ'ଣ ରୋଷେଇ ଆରମ୍ଭ କରିବନି କି ? ଅସରପାଗୁଡ଼ିକୁ ଦେଖି ନିଜ ଦେହଟିକୁ ଅଧା ମୁକୁଳା କରିଦେଇଛ । ପୂରା ମୁକୁଳା ହେବାକୁ କାହିଁକି ବାକି ରଖୁଛ । ଇଚ୍ଛା ହେଉନି !

ମେଘରୁ ବର୍ଷା ଉତୁରିଗଲେ କେତେ ତୋଫା ଦିଶେ ଜାଣିନ କି ! ଗୋଟାପଣେ ଦେଖିବାକୁ ଇଚ୍ଛା ହୁଏ । ମନଭରି ଉପଭୋଗ କରିବାକୁ ମନଟି ଉହଳ ବିକଳ ହୁଏ । ଏ ପାଠ ବି ବୁଝେଇବାକୁ ପଡ଼ିବ !

ରୋଷେଇ ହେଇନି ତ ହେଇନି , ଆଉ ଟିକେ ଡେରିହେଇଯିବ । ହଉ ଡେରି ହେଇଗଲେ କ'ଣ ବେଦ ଅଶୁଦ୍ଧି ହେଇଯିବ ଯେ । ତୁମେ ଯେମିତି ଅସରପାଗୁଡ଼ିକୁ ତୁମ ଦେହଟାକୁ ଦେଖେଇଦେଇଥିଲ, ଗୋଟେ ମୁହୂର୍ତ୍ତ ପାଇଁ ମୋତେ ଦେଇଦେଉନ ତୁମ ଗୋରା ତକତକ୍ ଦେହଟାକୁ ! ଗାଁର ବହୁକୁଟୁମ୍ବୀ ଭିତରେ ଏସବୁ ହୋଇପାରୁ ନଥିଲା । ଏବେ ଆମେ ଦୁହେଁ ସହରରେ । ନିରୋଳାରେ, ଚାରିକାନ୍ଥ ଭିତରେ ।

ଦୀପକଙ୍କର ଏମତି ରୋମାଣ୍ଟିକ କଥାରେ ଭାବପ୍ରବଣ ହୋଇ ମଧୁ କହିଲା, ଦୀପକ, ତୁମେ ଭାରି ଇଏ !

ଦୀପକ ମଧୁଲଗ୍ନାରେ ଗାଲରେ ଚୁମା ଦେଲାବେଳକୁ ଉତ୍ତେଜିତ ହେଇଗଲେ ଅକସ୍ମାତ୍ । ଜାଣିଶୁଣି ନାଇଟିଟିକୁ ଖସେଇଦେଲା ଦେହରୁ ମଧୁଲଗ୍ନା । ଆଉ ସିଧାସଳଖ ବେଡ଼ରୁମକୁ ଚାଲିଗଲେ ଦୁହେଁ । ଅସମାପ୍ତ ମୁହୂର୍ତ୍ତକୁ ଏକାଠି କରି ରଚିଲେ ନୂଆ ଇତିହାସ । କଥା ପ୍ରସଙ୍ଗରେ ମଧୁଲଗ୍ନା କହିଦେଲା- ' ଆଜିର ଏ ଚରମ ତୃପ୍ତି ଆଗାମୀରେ ଏକ ଶୁଭ ସୂଚନା ଦେଇପାରେ !'

ସେ ଦିନର ମେଘୁଆ ପାଗଟା ଖୁବ୍ ରୋମାଣ୍ଟିକ ଲାଗୁଥିଲା ଦୁହିଁଙ୍କୁ । ଓଠରେ ଥିଲା ଅଭୁଲା ମଧୁକ୍ଷରା ହସ । ଏକ ଅପାସୋରା ପ୍ରେମର ମହକ ବିଞ୍ଚିହୋଇପଡୁଥିଲା ଘରସାରା ।

ଦଦ

**କୁଞ୍ଜ ବିହାରୀ ସାହୁ** ଶିଶୁ ସାହିତ୍ୟିକ ଭାବରେ ପରିଚିତ । ପାଞ୍ଚୋଟି ଶିଶୁ ପୁସ୍ତିକା ପ୍ରକାଶିତ: "କବିତା କଳିକା", "ଫୁଲର ମହକ", "ଡରକୁଳା ଗୁଣ୍ଡୁଚିମୂଷା", "ରତନା", "କାଉ ବସାରେ କୋଇଲି ଅଣ୍ଡା" । ଆକାଶବାଣୀରେ ଗପ, କବିତା ଓ ପ୍ରବନ୍ଧ ପ୍ରସାରିତ ହୋଇଛି । କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ପ୍ରକାଶିତ ଶିଶୁ ଗଳ୍ପ ସଂକଳନରେ ଗପ ସ୍ଥାନିତ । ସମ୍ଭ୍ରାନ୍ତ ଶ୍ରେଣୀୟ ପତ୍ରିକା, ଜର୍ଣ୍ଣାଲରେ ଉଚ୍ଚକୋଟୀର ଲେଖା ସ୍ଥାନପାଇଛି । ବିଜ୍ଞାନପ୍ରଭାରେ ବିଜ୍ଞାନ ସମ୍ପର୍କିତ ଲେଖା ପ୍ରକାଶିତ । ସାହିତ୍ୟ ସର୍ଜନା ପାଇଁ ବିଭିନ୍ନ ସାହିତ୍ୟ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ ।

ଦଦ

# ଦ୍ୱିପଦୀ

## ଅଲେଖ ନନ୍ଦୀ

### ସୋହାଗ

ଚନ୍ଦ୍ରମାର ଶୁଭ୍ର ଦେହେ
ନୁହେଁ କୃଷ୍ଣ
କଳଙ୍କର ଦାଗ
ନିଦର୍ଶନ, ପ୍ରେମୀ ଯୁଗଳଙ୍କ
ଚିରନ୍ତନ
ପ୍ରୀତିର ସୋହାଗ
ଗାଢ଼ କୃଷ୍ଣ ଘନଛଟା
ସଘନରେ
ଲପନେ ଜଘନେ
ଉନ୍ମତ୍ତା ପ୍ରମତ୍ତା ନିତ୍ୟ
ନିତମ୍ବିନୀ
କୁମୁଦ ଚୁମ୍ବନେ ।
ଌଌ

### ରୁକ୍ଷ

ନିର୍ଝର ନୁହେଁ ସେ ଲୋତକ
ଝରେ ପର୍ବତ ନିତି
କେଡ଼େ ନିରିଦୟେ କରିଲ
ରୁକ୍ଷ ପ୍ରେମିକ ଛାତି
ନିର୍ଜନ ବେଳାରେ ବିଳାପେ
ଚାପି ଆର୍ତ୍ତ ହୃଦୟ
ଚାହିଁ ଚାହିଁ ହେଲା ତୁମକୁ
ଦେହ ପ୍ରସ୍ତରମୟ
ଌଌ

### ଚିର

ସୁରଭି ଆସଇ ଧରାରେ
ବର୍ଷେ ଥରୁଟେ ମାତ୍ର
ସବୁ ଋତୁ ଆସି ଯାଆନ୍ତି
କାଟି ଦିବସ ରାତ୍ର
କିନ୍ତୁ ତୁମେ ଥିଲେ ପାଶରେ
ବହେ ଚିର ମଳୟ
ବସନ୍ତ ଛାଡ଼ିକି ଯାଏନା
ସୃଷ୍ଟି ହେଉ ପ୍ରଳୟ
ଌଌ

### ମାଟିଘର

ମାଟିର ଘର ସେ ନୁହେଁ
ମମତା ପ୍ରୀତି ମନ୍ଦିର
ଯହିଁ ତୋର ପିତା ମାତା
ଜୀବନ୍ତ ମର୍ତ୍ତ୍ୟ ଠାକୁର
ଭାଇ ଭଗିନୀ ସିନିହ
ସରଗ ଅମୃତୁଁ ବଳି
ଅମିୟ ବୋଳା ସେ ଭାଷା
ଜିଣେ ବିହଙ୍ଗ କାକଳି
ଌଌ

**ଆତ୍ମଜା**

ମରତ ପଦମ ନୁହେଁ
ସରଗ ପାରିଜାତ
ପାପ ଅରିଷ୍ଟନାଶିନୀ
ପାବନୀ ଗଙ୍ଗା ସେ ତ
ତୋହର ଗମନ ପଥ
କରିବାକୁ ସମୁଜ୍ଜ୍ୱଳ
ପୁଣ୍ୟ ପ୍ରଦାୟିନୀ ଦେବୀ
ଆବିର୍ଭୂତା, ଅନାବିଳ

**ସ୍ୱାମୀ**

ମଥାରେ ସିନ୍ଦୂର ଯିଏ
ପାଦରେ ଅଳତା
ନୟନେ କଜଳ ପୁଣି
କରରୁହେ ଚିତା
ଜୁଡ଼ାରେ ଗଜରା ମାଳ
ବଳାରେ ନୂପୁର
ଭର୍ତ୍ତାରେ ଗଣାଟି ସିଏ
ମଣଇ ତ୍ରିପୁର

**ମତି ଭ୍ରମ**

ତପତ ସିକତା
ଲାଗେ ଶୀତଳ
ତୁମ ଉତ୍ତାପେ ଯେ
ଅତି ଉତ୍ତାଳ
ସୁମନ ସୁପାତି
କଣ୍ଟକ ଶେଯ
କାହିଁକି କେଜାଣି
ମୋ ମନ, ହେଜ ।

**ଆତ୍ମଜ**

ଦୁଃଖ ସନ୍ତାପିତ ହୃଦ
ଆନନ୍ଦ ଆଳାପ
ତିକତ ଉତ୍ତପ୍ତ ଗାତ୍ର
ଚନ୍ଦନ ପ୍ରଲେପ
ବିଦଗ୍ଧ ମରୁ କାନ୍ତାରେ
ଦିବ୍ୟ ମରୁଦ୍ୟାନ
ମର୍ତ୍ତ୍ୟ କାଳାନଳେ ଶାନ୍ତ
ପୀୟୂଷ ପ୍ଲାବନ

**ପଦ୍ୟ**

ଛନ୍ଦେ ମାଧୁରଯ୍ୟ
ଭାବେ ମାଦକତା
ପଦରେ ଲାଳିତ୍ୟ
ରସେ ପୁଲକତା
ଥିଲେ, ଦିନେ ଜହ୍ନ
ରାତିରେ ଆଦିତ୍ୟ
ଉଏଁ, ତ୍ରିଭୁବନ
ହୁଏ ଆନ୍ଦୋଳିତ ।

**କିମିଆଁ**

ତୁମେ ଚାଲିଗଲେ ପଥରେ
ଦୂବ କଅଁଳି ଉଠେ
ଶିରି ଶିରି ଥିରି ପବନ
ଧୀରେ ପଛରେ ଛୁଟେ
କିମିଆଁ କରିଛ ସବୁଙ୍କୁ
ମାରି ଆହତ ବାଣେ
ବରତିବ କିଏ ଭଲରେ
କୁହ ସେଥିରୁ ଜଣେ ?

**ପ୍ରୀତି ବିନା**

ଦେଖି ଚନ୍ଦ୍ର କଇଁ ପ୍ରୀତି
ଆନମନା ହୋଇଛି ପଦ୍ମିନୀ
କି କଷ୍ଟେ ବିତାଇ ଅଛି
ସୂର୍ଯ୍ୟ ବିନା ବିନିଦ୍ର ରଜନୀ !
ସେ ଜାଣିଛି ଏକା ସିନା
କାମନାର ଶିଥିଳ ପ୍ରହାର
ପ୍ରୀତି ବିନା ଅଛି କିଛି
ପ୍ରଶମନେ ଆନ ଉପଚାର ?

ထထ

**ଲୋଡ଼ା**

ଲୋଡ଼ା ନାହିଁ ମୋର ଜୀବନେ
ତୀବ୍ର ଦ୍ରାକ୍ଷା ସୁରସ
ମନ୍ଦ ନିନାଦିନୀ ଝରଣା
ତଟ, ମଲ୍ଲିକା ବାସ
ଲୋଡ଼ା ଖାଲି ସିକ୍ତ ଅଳସୀ
କନ୍ୟା ଇଙ୍ଗିତ ଲୀଳା
ବସନ୍ତ ମଳୟ ଲହରେ
ପୁଷ୍ପ ବିଭାସେ ଖେଳା ।

ထထ

ထထ

**ଅଲେଖ ନନ୍ଦୀ**, ପିଏଚ୍.ଡି, ଡି.ଲିଟ୍, କେନ୍ଦ୍ରୀୟ ସରକାରୀ ବ୍ୟାଙ୍କ୍‌ର ଉଚ୍ଚପଦସ୍ଥ ଅଧିକାରୀ । ବାରଟି ପୁସ୍ତକ ପ୍ରକାଶିତ: ଦୁଇଟି ଗୀତ ଓ ସଙ୍ଗୀତ- କାଗଜ ଫୁଲର ମହକ ଓ ବାସିଫୁଲ; ପାଞ୍ଚୋଟି କବିତା- ମିଛିମିଛିକା ଗୀତ, ମୋ ପଲ୍ଲୀ, ପଲ୍ଲୀ ଐତିହ୍ୟ, ଅମ୍ଳାନଦ୍ୟୋତି, ପ୍ରଦ୍ୟୋତିକା; ତିନୋଟି ଗଳ୍ପ- ଆମ ଐଶ୍ୱର୍ଯ୍ୟ ଭାଗ-୧,୨,୩ । ବିଭିନ୍ନ ପତ୍ରପ୍ରତିକାରେ ଲେଖାମାନ ପ୍ରକାଶିତ ।

ထထ

# କଳା ସଦା ଜାଗ୍ରତ ଓ ଜୀବିତ ସତ୍ୟ

ଶଶଧର ପତି



ଯେତେବେଳେ ଶିଳ୍ପୀ ତା କଳା ଚାତୁରୀରେ ନିଜେ ହଜିଯାଏ, ନିଜର ତୂଳୀ ଓ ନିହାଣ ସ୍ପର୍ଶର ଯାଦୁକରି ଶକ୍ତିବଳରେ ସେଇ ଚିତ୍ର ଓ ଭାସ୍କର୍ଯ୍ୟ ଭିତରେ ନିଜର ଗୁଣସତ୍ତା ପ୍ରଦର୍ଶନ କରିବା ସହ ଦର୍ଶକକୁ ବି ଭାବବିହ୍ୱଳ କରିଥାଏ । ସେଇ କଳାକୃତି ମଧ୍ୟରେ ଶିଳ୍ପୀ ନିଜର ଅମୃତ ପରିକଳ୍ପନାକୁ ରୂପାୟିତ କରି ଦର୍ଶକଙ୍କୁ ମୋହିତ କରିଦିଏ । ସେଇ କଳାକୃତିରେ ପ୍ରାକୃତିକ ପରିବେଶର ଶୋଭା, ଆଧୁନିକ ଚିତ୍ରକଳା ମଧ୍ୟରେ ସାଙ୍କେତିକତା କିମ୍ବା କଳା ଭାସ୍କର୍ଯ୍ୟର ଶିଳ୍ପୀ ନିଜର ସ୍ୱପ୍ନକୁ ହିଁ ରୂପାୟିତ କରିଥାଏ । ସଦା ସର୍ବଦା ଶିଳ୍ପୀଟିଏ ସ୍ୱପ୍ନରେ ବିଭୋର ଥାଏ ସିନା, ସେଇ ସ୍ୱପ୍ନକୁ ରୂପାୟିତକରି ଅନ୍ୟମାନଙ୍କୁ ମଧ୍ୟ ବିଭୋର କରିବାର ଶକ୍ତି ରଖିଥାଏ । ଶିଳ୍ପୀଟିଏ ସଦା ସର୍ବଦା ତା ନିଜ ସାମ୍ରାଜ୍ୟର ଜଣେ ସମ୍ରାଟ ।

ସେଇ ସାମ୍ରାଜ୍ୟରେ ରହିପାରେ ପୌରାଣିକ, ଧାର୍ମିକ, ସାମାଜିକ, ପାରମ୍ପରିକ ବା ଆଧୁନିକତା ମଧ୍ୟରେ ମାର୍ମିକ ଝଲକ, କିନ୍ତୁ ସେଇ ଝଲକ ମଧ୍ୟରେ ଶିଳ୍ପୀର କଳାକୃତି ଦର୍ଶକମାନଙ୍କ ପାଇଁ ହୋଇଯାଏ ଚିତ୍ତାକର୍ଷକ। ସେଇ ନୂତନ ଓ ରଙ୍ଗୀନ ନିର୍ଜୀବ କଳାକୃତିରେ ଜୀବସତ୍ତାର ଉପସ୍ଥିତି କେବଳ ଅନୁଭୂତ ହୋଇନଥାଏ, ସେଥିରେ ଲୁକ୍କାୟିତ ଥାଏ ଜୀବନର ସମସ୍ତ ରୂପ,ରଙ୍ଗ, ରସ ଓ ଢଙ୍ଗ ସବୁକିଛି । ସେଥିରେ ଥାଏ ନୀଳ ଆକାଶର ବିହଙ୍ଗର ଡେଣାଝଡ଼ା ଦୃଶ୍ୟ, ପୁଣି କେତେବେଳେ ଥାଏ ସ୍ଥିର ଜଳରେ ଚନ୍ଦ୍ରମାର ମୁଖମଣ୍ଡଳ । କେତେବେଳେ ପ୍ରକୃତିର ଶୋଭାତ କେତେବେଳେ ରହେ ପାରମ୍ପରିକ ପର୍ବପର୍ବାଣିର ସମସ୍ତ ଝଲକ । ସେଥିରେ ଶିଳ୍ପୀର ତୂଳୀ ବା ନିହାଣ, ପ୍ରକାଶ କରେ ନିଖୁଣ ଚରିତ୍ର ନିଜସ୍ୱ ଢଙ୍ଗରେ ।



ଏକ୍ତୁଡ଼ିଶାଳରୁ ଜୁଇ ନିଆଁତକ ଶିଳ୍ପୀ ଆଙ୍କେ ଛବି । ମାଟି, ପାଣି, ପବନ, ବର୍ଷା ଓ ଢେଉ, ଖରା, ଶରତ, ଶୀତ, ହେମନ୍ତ, ବସନ୍ତ ସବୁ ଯେମିତି ତା ନିଜର । ପୁଣି ବେଶି ନିଜର ତା ଗାଁ, ମାଟିର ମହକ, ଗାଁ ଭାଗବତ ଟୁଙ୍ଗି, ଗାଁ ବିଲ, ନଈ, ଗାଈ ଗୋଠ, ଆମ୍ବ ତୋଟା ଇତ୍ୟାଦି । ବେଳେବେଳେ ସେ ଆଙ୍କିଦିଏ ତା ଖିଆଲି ସପନର ରାଜକୁମାରୀ ଓ ତାର ସାମ୍ରାଜ୍ୟର ନକ୍ସାକୁ । ଶିଳ୍ପୀ ଖୁବ୍ ଭଲପାଏ ଆଙ୍କିବାକୁ

ଖୋଲା ଆକାଶତଳେ ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟୋଦୟ, ଏସବୁ ଛାଡ଼ି ସତରେ କଣ ଶିଳ୍ପୀଟିଏ ନେଇପାରେ ଶାନ୍ତିରେ ନିଃଶ୍ୱାସ ?



ଆଜିର ଚିତ୍ରଶିଳ୍ପୀ କୁହନ୍ତୁ ବା ମୂର୍ତ୍ତିକାର, ସମସ୍ତେ ପାରମ୍ପରିକ ଶୈଳୀକୁ କେବେ ବି ଭୁଲିପାରିବେ ନାହିଁ । ତେଣୁ ସେମାନେ ନିଜସ୍ୱ ଶୈଳୀର ନମୁନାରେ, ନିଜ ପରିଚୟ ସୃଷ୍ଟି କରିପାରନ୍ତି । ସେମାନେ ଅବିଶ୍ରାନ୍ତ ପରିଶ୍ରମ କରି ଏକ ଶୃଙ୍ଖଳାତ୍ମକ ସମୟୋପଯୋଗୀ କଳା ସୃଷ୍ଟିରେ ନିମଗ୍ନ ଥାଆନ୍ତି । ୧୯୧୦ କିମ୍ବା

୧୯୧୧ମସିହା ବେଳକୁ ଡବ୍ଲ୍ୟୁ କାଣ୍ଡିନସ୍କି ତାଙ୍କ ରଙ୍ଗିନ ଚିତ୍ର ମଧ୍ୟରେ ଆଧୁନିକତାର ସ୍ପର୍ଶ ଦେବା ସହିତ ଏକ ନୂତନ ଢଙ୍ଗର ପରିକଳ୍ପନା ଆରମ୍ଭ କରିଥିଲେ । ଏହାପରେ ଆଜିଯାଏ ସମସ୍ତ ଚିତ୍ରଶିଳ୍ପୀ ନିଜନିଜର କଳା ମଧ୍ୟରେ ନୂତନତ୍ୱ ଦର୍ଶାଇବାରେ ବ୍ୟସ୍ତ । ସାଧାରଣତଃ ବାସ୍ତବତାକୁ ଚିତ୍ର ତଥା ଭାସ୍କର୍ଯ୍ୟ ଶିଳ୍ପୀଗଣ ସାଧନା ସମୟରେ ଅଭ୍ୟାସ ଓ ପ୍ରୟାସ ଓ ପରେ ନିଜ କଳାର ମାନବୃଦ୍ଧି ନିମିତ୍ତ ଉଦ୍ୟମ କରିଥାନ୍ତି । ଶିଳ୍ପୀଗଣ ନୂତନ କଳାକୃତିର ସୃଷ୍ଟି ସମୟରେ ନିଜର ସ୍ୱପ୍ନକୁ ସାକାର କରିବାକୁ ରାତିଦିନ ଏକ କରିଦିଏ । ସ୍ୱପ୍ନ ମଧ୍ୟରେ ସେ ହଜିପାରିଲେ ନୂତନ ଧରଣର ସୃଷ୍ଟିର ସମ୍ଭାବନା ରହେ, ଯାହାକୁ କେବଳ ଜଣେ ଶିଳ୍ପୀ ରୂପ ଦେଇପାରେ ।




ଜଣେ ଶିଳ୍ପୀର କଳାକୃତି ମାଧ୍ୟମରେ କହିବା, ଗାଇବା ଓ ଲେଖିପାରିବାର ଶକ୍ତି ପ୍ରଦର୍ଶନ କରିଥାଏ । ଏହା ସହିତ ସେ ମଧ୍ୟ ପୌରାଣିକ, ଧାର୍ମିକ ଓ ଦାର୍ଶନିକ ତତ୍ତ୍ୱର ପ୍ରମାଣର ଝଲକ ବି ରଖିପାରେ । ତେଣୁ  ଅତୀତର ଶିଳ୍ପକଳା ମଧ୍ୟରେ ରହିଛି କୋଣାର୍କ, ତାଜମହଲ ସହ ଅଜନ୍ତାର ଚମତ୍କାରୀ ରଙ୍ଗ ବେରଙ୍ଗର ଚିତ୍ରମାଳା । ସେ ସମସ୍ତ କଳାକୃତି ଆଜି ବି ନୂତନ ପିଢ଼ିକୁ ପ୍ରେରଣାର ଉତ୍ସ ପାଲଟିଯାଇଛି । ଶିଳ୍ପୀ ଲିଓନାର୍ଡୋ ଦାଭିଞ୍ଚିଙ୍କ କଳାକୃତି ଭାବରେ ସେ ଦିନର "ମୋନାଲିସା"ର ରହସ୍ୟପୂର୍ଣ୍ଣ ହସ ଆଜି ବି

ଶ୍ରେଷ୍ଠତ୍ୱ ବଜାୟ ରଖିଛି । ସେ ଚିତ୍ର କଥା କହୁଛି ପ୍ରକୃତି ଓ ନାରୀ ମଧ୍ୟରେ ସମତୁଲ ସୌନ୍ଦର୍ଯ୍ୟର ବାସ୍ତବିକତା ଓ ଲାବଣ୍ୟ ରୂପକାନ୍ତି, ଭାବାବେଗର ନିଛକ କାହାଣୀକୁ । ସେହି କ୍ରମରେ ପୁରୀ ସନ୍ନିକଟ ରଘୁରାଜପୁରର ପଟ୍ଟଚିତ୍ର ଆମ ଓଡ଼ିଶା ମାଟିର ଇତିହାସ ଓ ଗୌରବର ଗାଥା ବର୍ଣ୍ଣନା କରିଚାଲିଛି । ତେଣୁ ପ୍ରତିଟି କଳା ଶ୍ରେଣୀ ବା କଳାର ଆକୃତି ଓ ଚେତନା ସଦାଜାଗ୍ରତ ଏକ ପ୍ରତୀକ୍ଷିତ ଧାରା ଅଟେ । ନାହିଁ ନାହିଁର ସୃଷ୍ଟିରେ ଯିଏ ପରିପୂର୍ଣ୍ଣତାର ଭଣ୍ଡାରକୁ ଦେଖେ ତାକୁ ଆମେ କହୁ ସ୍ରଷ୍ଟା, କବି, ଲେଖକ, ଭାବୁକ, ବିଚାରକ, ଚିତ୍ରଶିଳ୍ପୀ, ଦାର୍ଶନିକ ଇତ୍ୟାଦି... ।




ବହୁ ପୂର୍ବରୁ ଦ୍ୱାଦଶ ଶତାବ୍ଦୀରେ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରୁପକାନ୍ତିର ସ୍ୱୟଂ ସ୍ରଷ୍ଟା ଯେଉଁ ବର୍ଣ୍ଣିକାଭେଦର ଉଦାହରଣ ସୃଷ୍ଟି କରିଛନ୍ତି, ତାହା ପ୍ରାଥମିକ ଏବଂ ମୌଳିକ ରଙ୍ଗର ଅଂଶବିଶେଷର ସଂକେତ ରୂପେ ଅଭିଷିକ୍ତ । ଆମ ଓଡ଼ିଶାର ଝୋଟି କଳା ଆମ ଦେଶର ସମସ୍ତ ଭୂଅଳଙ୍କରଣ ଶୈଳୀଠାରୁ ଭିନ୍ନ ଓ ପୁରାତନ । ଏହି ପ୍ରକାର ଗ୍ରାମୀଣ କଳା ମୁଖ୍ୟତଃ ମାର୍ଗଶିର ମାସରେ ମାଣବସା ଗୁରୁବାର ସମୟରେ ଦୃଶ୍ୟମାନ ହୋଇଥାଏ । ଅନ୍ୟ ପକ୍ଷରେ ଓଡିଶାର ପର୍ବପର୍ବାଣି ସହିତ ବିବାହ ଓ ବ୍ରତ ଆଦି ମାଙ୍ଗଳିକ କାର୍ଯ୍ୟରେ ଦେଖିବାକୁ ମିଳେ । ଠିକ୍ ସେହିପରି ଢୋକ୍ରା-କାଷ୍ଟିଂ (ପିତ୍ତଳ କିମ୍ବା ବ୍ରୋଞ୍ଜ)ରେ ଆମ ରାଜ୍ୟର ଲୋକକଳା ଖୁବ୍ ସୁନ୍ଦର ଓ ତଥ୍ୟସମ୍ପନ୍ନ । ମାଟିର ଟେରାକୋଟା ପୋଡ଼ାମାଟିର କଣ୍ଢେଇ, ଆମ ରାଜ୍ୟର ଏକ ପ୍ରମୁଖ ପ୍ରାଚୀନ କଳାର ପ୍ରତୀକ ଅଟେ । ଏହି ସବୁ କଳା ସାଧାରଣ ଲୋକମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସେମାନେ କଳାତତ୍ତ୍ୱକୁ ସହଜରେ ଗ୍ରହଣ କରିନଥାନ୍ତି । ତେଣୁ କେବଳ ଜଣେ ଶିଳ୍ପୀ-ମାନସିକତା ସମ୍ପନ୍ନ ବ୍ୟକ୍ତି ହିଁ କଳାର ଆକୃତି ଓ ଗୁଣସତ୍ତାକୁ ସହଜରେ ଗ୍ରହଣ କରିବା ସହିତ ବୁଝିବାକୁ ସମର୍ଥ ହୋଇଥାଏ ।






ଓଡିଶାର ପଥରମୂର୍ତ୍ତିମାନଙ୍କ ଭିତରେ ଯାଜପୁରରେ ଥିବା ମାତୃକା ମୂର୍ତ୍ତି ତିନିଟିର ଗଠନ ଆକୃତି ଏକ ଭିନ୍ନ ସ୍ୱାଦର, ଏହା ଭୁବନେଶ୍ୱରସ୍ଥିତ ବୈତାଳ ମନ୍ଦିର ଗର୍ଭଗୃହର କାନ୍ଥରେ ଖୋଦିତ ମାତୃକା ବିଗ୍ରହ ନିର୍ମାଣ ଢାଞ୍ଚାଠାରୁ ସମ୍ପୂର୍ଣ୍ଣ ଭାବେ ଭିନ୍ନ । ଏହି ତିନିଟି ବିଶାଳକାୟ କ୍ଷୁଧାତୁରା ଚାମୁଣ୍ଡା ମୂର୍ତ୍ତି ସାରା ଭାରତବର୍ଷରେ ବିରଳ । ଆମ ଓଡ଼ିଶାର ମନ୍ଦିର ଓ ଭଗ୍ନ ମନ୍ଦିରର ଶିଳାମୂର୍ତ୍ତିଗୁଡ଼ିକ ପ୍ରାଚୀନ ହେଲେ ବି ଜୀବନ୍ତ ମନେହୁଏ । ସେହି ପ୍ରକାରର କଳାର ସ୍ରଷ୍ଟା ହେବାପାଇଁ ଶିଳ୍ପୀକୁ କଠିନ ସାଧନାର ଆବଶ୍ୟକତା ରହିଛି ।



କାଳ ସହିତ ତାଳ ଦେଇ କଳାକାରର କଳାକୃତିରେ ପରିବର୍ତ୍ତନ ଆସିଥାଏ । ସେହି କାରଣରୁ ସାମାଜିକ ଚରିତ୍ର ସହିତ ତାଳଦେଇ କଳାକୃତି ପ୍ରଭାବିତ ହୋଇଥାଏ । ତେଣୁ ସମସ୍ତ ପ୍ରକାରର କଳାକାରମାନେ

ନିଜର ମନୋବଳକୁ ଦୃଢ଼ୀଭୂତ କରି ଆଗାମୀ ଦିନରେ ନିଜର ଖ୍ୟାତି ଏବଂ ଦକ୍ଷତାର ପରିଚୟ ସୃଷ୍ଟି କରିବାକୁ ଉଦ୍ୟମ କରିବା ଆବଶ୍ୟକ । କଳା ଅମର, ସତ୍ୟ, ଶିବ, ସୁନ୍ଦର; ଏହାର ଉପମା ନାହିଁ । ଶିଳ୍ପୀଟିଏ ତା ଜୀବନର ସମସ୍ତ ମୁହୂର୍ତ୍ତ ନିଜସ୍ୱ ଶୈଳୀର କଳା ସୃଷ୍ଟିରେ ବ୍ୟୟ କରି ସର୍ବଶେଷରେ ନିଜକୁ ଆବିଷ୍କାର କରେ ନିଜର ଶ୍ରେଷ୍ଠତମ କଳାକୃତିର ଗୁଣସତ୍ତା ମଧ୍ୟରେ । ତେଣୁ ଆସ ଆଗାମୀ ଦିନରେ କଳାକାରଟିଏ ହୋଇ ମା', ମାଟି ଓ ଦେଶର କୀର୍ତ୍ତି ରଖିବା ସହିତ ନିଜର ପରିଚୟ ଛାଡ଼ିଯିବା ।



ꝏꝏ

**ଶଶଧର ପତି,** ବି.ଏଫ.ଏ, ଉତ୍କଳ ବିଶ୍ୱବିଦ୍ୟାଳୟ; ଏମ.ଏ, ଗ୍ୱାଲିଅର ବିଶ୍ୱବିଦ୍ୟାଳୟ । ମୂର୍ତ୍ତିକାର ଓ ଚିତ୍ରକାର । ସେ ଦେଶବିଦେଶରେ ଅନେକ ଚିତ୍ରକଳା ପ୍ରଦର୍ଶନୀରେ ଭାଗ ନେଇଛନ୍ତି ଓ ସମ୍ବର୍ଦ୍ଧିତ ହୋଇଛନ୍ତି । ତାଙ୍କର କଳାର ଗୁଣାତ୍ମକ ମାନ ପାଇଁ ସେ ଅନେକ ପୁରସ୍କାର, ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଛନ୍ତି । ସେ ପାଇଥିବା ସମ୍ମାନମାନଙ୍କ ମଧ୍ୟରେ ଡ. ଏଲିସ ବୋନର ସ୍ମାରକ ସମ୍ମାନ, ସଂସ୍କୃତି କଳାରକ୍ଷକ ସମ୍ମାନ, ମହର୍ଷି ଉତ୍ତମ କଳା ଶିକ୍ଷକ ସମ୍ମାନ, କଳାମିତ୍ର ଫାଉଣ୍ଡେସନ ଅଫ ସମକାଳୀନ କଳା ତରଫରୁ ଶ୍ରେଷ୍ଠତା ସମ୍ମାନ, କଳାକ୍ଷେତ୍ର ପୂର୍ବତନ ଛାତ୍ର ସମ୍ମାନ ଇତ୍ୟାଦି ଅନ୍ୟତମ ।

ꝏꝏ

# ପୂର୍ଣ୍ଣତା

ଗୋଲକ ବିହାରୀ ଆଚାର୍ଯ୍ୟ

ପୂର୍ଣ୍ଣତାକୁ ସମ୍ପିଦେଲି,
ଶୂନ୍ୟମୟ ହସ୍ତ କରି ତୋ ଉଦାର ଆଞ୍ଜୁଳା
ଲେଉଟି ଦେଖିଲି
ବାସ୍ନାମୟ ପୂର୍ଣ୍ଣ ବିକଶିତ ପଦ୍ମ
ମୋ ଶୂନ୍ୟତା ସାରା ।

ଶାରୀରିକ ପ୍ରସ୍ଥାନରେ ସ୍ମୃତି ଆଗମନ
ଅବୋଧ, ଅସମାପ୍ତ
ଅର୍ଦ୍ଧେକ ପ୍ରାପ୍ତିରେ ଯବନିକା
ଏବେ ପୂର୍ଣ୍ଣ ପ୍ରତିକ୍ଷଣ ।

ପୃଥିବୀରେ ଦୁଇଟି ମୁହୂର୍ତ୍ତ
ଅପ୍ରାପ୍ତି ପରେ ପ୍ରାପ୍ତି
ପରେପରେ ପ୍ରାପ୍ତିର ପୂର୍ଣ୍ଣତା
ନାହିଁ ସନ୍ଧିକ୍ଷଣ, ମୃତ୍ୟୁ ପରେ ହିଁ ଜୀବନ ।

ଗଠନ କି ବିଘଟନ
ସବୁଥିର ଇତିହାସ
କେହି ନୁହେଁ ଇତିହାସହୀନ
ସୂର୍ଯ୍ୟାସ୍ତରେ ସୂର୍ଯ୍ୟୋଦୟ
ମୋର ନିତ୍ୟ ସମ୍ମୋହନ ।

ଓଓ

# ସ୍ୱପ୍ନ

**ଗୋଲକ ବିହାରୀ ଆଚାର୍ଯ୍ୟ**

ନିଶ୍ୱାସ ପବନରେ ନାହିଁ ଜୀବନିକା
ଫୁଲରେ ବାସ୍ନା,
ସବୁ ଇତିହାସ
ଗୋଟେ ନିର୍ଦ୍ଦିଷ୍ଟ ତାରିଖରେ ଫେରାର ।

କେଜାଣି କାହିଁକି
ଉଦାର ଭଗବାନ ଏତେ ନିଷ୍ଠୁର
ସନ୍ତାନ ହରେଇଥିବା ସେ ସ୍ତ୍ରୀଲୋକ
ହାତରେ ହୋଇଯାନ୍ତିନି ପୁଅଟେ,
ସମସ୍ତେ ଅସହାୟ ।

ସମୟ, ଫାଶୀ ଦଉଡ଼ି ପରି
ଲଟକିଛି ଗଛ ଡାଳରେ
ଜୀବନ ଦେଇ ପାରୁନି
ଆତ୍ମହତ୍ୟା କରିଥିବା ସେ ଲୋକକୁ ।

ଗର୍ଭ ଗୃହରୁ ଫେରିଲା ବାଟରେ
ନମସ୍କାର କରିଥିଲି ପାର୍ଶ୍ୱ ଦେବୀଙ୍କୁ
ସିଏ ବି ନୀରବ କାଛର ଖୋପରେ
ସ୍ୱପ୍ନ ମନ୍ଦିରକୁ ଯାଇ
ଫେରୁଛି ମୋ ସହ ସତେଜ ସୁକୁମାର
ବୈଶାଖ ହେଉ କି ଆଶ୍ୱିନରେ ।

ଠଠ

# ସମ୍ପର୍କ

## ଗୋଲକ ବିହାରୀ ଆଚାର୍ଯ୍ୟ

ସମ୍ପର୍କ ଏମିତି ଯେ,
ଏ ଜନ୍ମରେ ଆଶା କରିବା
ମିଶିବା
ପାପ;
ହାୟ !
ମୋର ଗୋଟେ ସ୍ୱର୍ଗ ଲୋଡ଼ା,
ସେଠି ଦେଖା ହେବା
ସେଇଠି ମିଶିବା
ନଚେତ୍
ଲାଗିବ
ଆମେ କେଉଁ ଅପଦେବତାର
ଶାପ ।
ନାହିଁ ଉତ୍ତେଜନା
ନାହିଁ ପ୍ରତାରଣା
ଖାଲି
ସମ୍ବେଦନା
ଆମ ଶିହରଣର
ଆଦ୍ୟଅନ୍ତ
ଏକମାତ୍ର ମାପ ।
ସ୍ୱର୍ଗରେ ନଥାଏ
ଆଲୁଅ କି ଅନ୍ଧାର
ଜନ୍ମ କି ମରଣ
ଛଳନା
ଜ୍ୱଳନ, ଥାଏ
ସ୍ୱର୍ଗ, ସୁଖ,
ସମ୍ପର୍କର ଆଉ
ଗୋଟେ ଗୋଟେ
ରୂପ ।

∞∞

**ଡ. ଗୋଲକ ବିହାରୀ ଆଚାର୍ଯ୍ୟ,** କେନ୍ଦୁଝର, ଅଧ୍ୟାପନା ବୃତ୍ତିରୁ ଅବସର ନେଇ ଆପଣା ଲୋକଙ୍କ ସହ ବିଭିନ୍ନ ସାମାଜିକ କାମରେ ସଂଯୋଜିତ । ପ୍ରକାଶିତ କବିତା ସଂକଳନ: ଅଗଡ଼ା ଅଧାକ (୧୯୯୫) ।

∞∞

# ଫେରିଆସ ତମେ ଗୋପବନ୍ଧୁ


## ଫଣୀ ଭୂଷଣ ମହାନ୍ତି


ଫେରିଆସ ତମେ ଗୋପବନ୍ଧୁ, ଟିକେ ରେଳଟାକୁ କୁହ ରହିବାକୁ,
ଇଚ୍ଛାହୁଏ ଭାରି ତମ ହାତଲେଖା ଚିଲିକାର ରୂପ ଦେଖିବାକୁ ।
ଅନ୍ଧ ଆଖି ମୋର ପାରୁନାହିଁ ଦେଖି ରୂପସୀ ଚିଲିକା ରୂପକୁ,
ପାରିବ ତ ତମ ଦୃଷ୍ଟି ଦିଅ ମୋତେ ଜଳେଇ ମୋ ଜ୍ଞାନଦୀପକୁ ।
ଦେଖିଯାଅ ତମ ସ୍ୱରାଜର ପଥ, ପଡ଼ିଥିଲା ହାଡ଼ମାଂସ ,
କଂକାଳଟେ ତାକୁ କରିସାରିଲେଣି ଧୂର୍ତ୍ତ ରାଜନେତା ବଂଶ ।
ମିଶିଥିଲା ଦେହ ଯେ ମାଟିରେ ଦେଶବାସୀ ଚାଲିଯିବା ପାଇଁ,
ନିରୀହ ଅବଳା ସାଜିଛି ସେ ଆଜି ଦୁର୍ନୀତି ଧର୍ଷିତା ହେଇ ।
ଜନସେବା ପାଇଁ ଛାଡ଼ିଥିଲ ନିଜ ପୁଅକୁ ମରଣ ଶେଯରେ ,
ନିସ୍ୱାର୍ଥ ସେବାର ସେଇ ନୀତିଶିକ୍ଷା ଦେଇଯାଅ ଆମ ହେଜରେ ।
ସତ୍ୟବାଦୀ ତମ ବନ ମନ୍ଦିରଟା ଭାସିଗଲା ମିଥ୍ୟା ନଈରେ ।
ଜ୍ଞାନଦୀପ ଜାଳ ଶିଶୁ ମନେ ଖୋଲି ଚାଟଶାଳୀ ଗଛ ଛାଇରେ ।
ପଥଭ୍ରଷ୍ଟ ଆମ ଯୁବ ସମାଜକୁ ସ୍ୱରାଜର ପଥ ଦେଖାଅ,
ସ୍ୱରାଜ ରକ୍ଷାର ଦାୟିତ୍ୱବୋଧକ ପାଠ ତାଙ୍କୁ ଟିକେ ଶିଖାଅ ।
ନାହିଁ ମୋ ଶକତି ମନୋବଳ ଅବା ଶୋଷଣ ବେଦନା ସହିବାକୁ,
ଫେରିଆସ ତମେ ଗୋପବନ୍ଧୁ, ଥରେ ରେଳଟାକୁ କୁହ ରହିବାକୁ,
ରେଳଟାକୁ କୁହ ରହିବାକୁ ।

ooo

# ଶ୍ରାବଣୀ

**ଫଣୀ ଭୂଷଣ ମହାନ୍ତି**

ଶ୍ରାବଣୀ ଗୋ ତୁମେ ବରଷିଗଲ ଭିନ୍ନ ଏକ ଆକାଶରେ ,
ମୋ ମନ ଆକାଶ ଖୋଜେ ତୁମ ସ୍ପର୍ଶ ଏ ଆଖିର ଲୁହ ଧାରେ ।
ମନେ ଥିଲା ଆଶା ତୁମ ସେ ଅପୂର୍ବ ଶୀତଳ ପରଶ ପାଇଁ,
ନିର୍ଦ୍ଦୟ, ନିଦାଘ ଅଶ୍ରୁଧାରେ ଅବା ତୁମ ସେ ପରଶ କାହିଁ ?
କଳଙ୍କିତ ଏଇ ମନ ମରୁଭୂମି କଳଙ୍କିତ ବୁକୁ ତାର ,
ମରୁଭୂମିର ସେ ମରୀଚିକା ପରି ବହିଯାଏ ଲୁହ ଧାର ।
ମନେ ପଡ଼େ ସେଇ ପ୍ରଥମ ବରଷା, ଆସିଥିଲ ତୁମେ ଦିନେ,
ଭରି ଦେଇଥିଲ ଅଶେଷ ପୁଲକ ଅଭିଶପ୍ତ ମୋର ମନେ ।
ମୋ ମନର ଯେତେ ଆଶା ଓ ଆକାଂକ୍ଷା ଖେଳିଗଲେ ସପନରେ ,
ତୁମକୁ ପାଇ ମୁଁ ସବୁକିଛି ସତେ ପାଇଥିଲି ଜୀବନରେ ।
ସରିଯିବ ଦିନ ପାହିଯିବ ରାତି, ତୁମେ କେବେ ଯିବ ନାହିଁ ,
ଏମିତିକା ଏକ ମିଛ ପ୍ରତିଶ୍ରୁତି ଦେଇଥିଲ କାହିଁ ପାଇଁ ?
ପ୍ରତିଶ୍ରୁତି ଆଜି ପ୍ରତାରଣା ହେଲା, ଜିଏଁ ନିତି ନିର୍ଜନରେ,
ଖୋଜୁଥାଏ ମନ ତୁମ ଆଗମନ, ନିଶି ଆଉ ବିଜନରେ ।
ଅବୁଝା ଏ ମନ ବୁଝେ ନାହିଁ ଜମା ରହିଥାଏ ଅପେକ୍ଷାରେ,
ଶ୍ରାବଣୀ ଗୋ ତୁମେ ଆସିବ ନିଶ୍ଚୟ ଆରଥର ବରଷାରେ
ଶ୍ରାବଣୀ ଗୋ ତୁମେ ବରଷିଗଲ ଭିନ୍ନ ଏକ ଆକାଶରେ .....

ഠഠ

# ଅଭିଶପ୍ତ କୋଣାର୍କ

## ଫଣୀଭୂଷଣ ମହାନ୍ତି

ଲାଗିଗଲା ସିନା ଶିଉଳି ଆଜି ଅଭିଶପ୍ତ କୋଣାର୍କରେ,
ଚନ୍ଦ୍ରଭାଗା ତୁମେ ହସି ନାଚିଉଠ ଭିନ୍ନ ଏକ ଉଲ୍ଲାସରେ ।
ଦିନେ ଥିଲା ପରା ସିଦ୍ଧ ଚନ୍ଦ୍ରଭାଗା ପୂର୍ଣ୍ଣ ସେ କୋଣାର୍କ ପାଇଁ ...
ଅର୍ଦ୍ଧଭଗ୍ନ ସେଇ କୋଣାରକ ପାଇଁ ଆଖିରେ ତା ଲୁହ କାହିଁ ?
ନାହିଁ ସିନା ଆଜି ବିଶୁ ମହାରଣା ନାହିଁ ବାରଶ ବଢ଼େଇ,
ଆସିବ ନିଶ୍ଚୟ ପୁଣି ଧର୍ମପଦ ମୁଣ୍ଡି ମାରିଯିବା ପାଇଁ ।
କଥା ଦେଇଥିଲା ଯେଉଁ ଚନ୍ଦ୍ରଭାଗା ରହିଚି ରହିବି ବୋଲି ,
ଦିନପରେ ରାତି ବିତିଗଲା ପରି ଦୂରେ ଦୂରେ ଯାଏ ଚାଲି ।
ଛାଡ଼ିଯାଇଥିଲା କୋଣାର୍କକୁ ଯିଏ ପୁଣ୍ୟ ଚନ୍ଦ୍ରଭାଗା ହାତେ,
ଦୂରେ ଚାଲିଗଲା ଚନ୍ଦ୍ରଭାଗା ଆଜି ଭାବିପାରିବ କି ସତେ ?
କାଲି ହଜିଗଲା ସେଇ ଧର୍ମପଦ ଚନ୍ଦ୍ରଭାଗା ଛାତି ତଳେ ,
ବିଚ୍ଛେଦ କଷଣେ ଜିଏଁ ସେ କୋଣାର୍କ ଅସରନ୍ତି ବିଷାଦରେ ।
ଲାଗିଗଲା ସିନା ଶିଉଳି ଆଜି ଅଭିଶପ୍ତ କୋଣାର୍କ ରେ.. .. .. .. ...

ထထ

**ଫଣୀ ଭୂଷଣ ମହାନ୍ତି** (ଫନି), ବି.ଟେକ୍ । ପେଶାରେ ଇଞ୍ଜିନିୟର, ହେଲେ ସାହିତ୍ୟ ପ୍ରତି ଶ୍ରଦ୍ଧା । ସେ ଅନୁଭବ ମୂଳକ କବିତା ଆଉ ଗଳ୍ପ ଲେଖିଛନ୍ତି । ଓଡ଼ିଆ ଭାଷା ଆଉ ସଂସ୍କୃତିକୁ ଆଗକୁ ବଢ଼େଇ ନେବାକୁ ସବୁବେଳେ ଇଚ୍ଛୁକ । ଇଂଲଣ୍ଡର କୋଭେଣ୍ଟ୍ରି ସହରରେ ରହନ୍ତି ।

ထထ

# ହେ ହାତୀ ଅଜା

## ରମେଶ ଚନ୍ଦ୍ର ନାୟକ

ହେ ହାତୀ ଅଜା   ଟିକେ ରହି ଯା'
    ଗୁହାରି ଆମ ଶୁଣ ,
ଆମରି ସାଥେ   ଖେଳିବ ଖେଳ
    ଆସିବ ପ୍ରତିଦିନ ।

ତୁମେତ ଆମ   ମାଆଙ୍କ ବାପା
    ଲକ୍ଷ୍ମୀ ଦେବୀଙ୍କ ଯାନ,
ସ୍ୱାଗତ କରି   ପୂଜିବୁ ଆମେ
    କରିବୁ ଗୁଣ ଗାନ ।

ତୁମେ ଡାକିଲେ   ଆସଇ ରଜ
    ସାଥିରେ ନେଇ ବର୍ଷା,
ଦିଶେ ଧରଣୀ   ସବୁଜ ରାଣୀ
    ଆକାଶ କରେ ଈର୍ଷା ।

ଜଳେ ବା ସ୍ଥଳେ   ଅବା ଜଙ୍ଗଲେ
    ତୁମ ପ୍ରାର୍ଥନା କାଳେ,
ପ୍ରଭୁ କୃପାଳୁ   ଭାରି ଦୟାଳୁ
    ଛିଡ଼ା ବିପଦ ବେଳେ ।

ରୋଷ କରିକି   ଆସିବ ନାହିଁ
    ଦେବ ଆଶୀଷ ମାଥେ,
ଚାଷୀର କ୍ଷେତେ   ପଶିବ ନାହିଁ
    ଦଳ ବଳଙ୍କ ସାଥେ ।

ବନୀ କରଣ   ଯୋଜନା ମାନ
    ଜଙ୍ଗଲେ ଗଛ ଚାଷ ,
ହାତୀ ଶିକାର   ହୋଇବ ଦୂର
    ସୁଖେ କରିବ ବାସ ।

ହେ ହାତୀ ଅଜା   ବଣେ ଚାଲି ଯା'
    ତୁମରି ବାସ ସ୍ଥାନ,
ଶୁଣ୍ଢକୁ ଟେକି   କହିଲା ହାତୀ
    ଆସିବ  ନିତି ଦିନ ।

୦୦

# ଆସିଗଲା ଏବେ ବରଷା ଋତୁ


## ରମେଶ ଚନ୍ଦ୍ର ନାୟକ


ଆସିଗଲା ଏବେ ବରଷା ଋତୁ
ପୁଲକିତ ହେଲା ଧରା
ନବ କିଶଳୟେ ବୃକ୍ଷରାଜି ଶୋଭେ
ହଟିଲା ଆକାଶୁ ଖରା ।

ବରଷଇ ମେଘ  ଟୁପୁରୁ ଟାପୁରୁ
ବିଜୁଳି ସାଥିରେ ତା'ର
ଘଡ଼ ଘଡ଼ି ନାଦେ ବାଦଲ ଫଟାଇ
ଅବିରତ ଝରେ ଧାର ।

ବେଙ୍ଗ ରଡ଼ି ଶୁଭେ  କଟର କଟର
ଆନନ୍ଦେ ନାଚେ ମୟୂର
ତା' ପୁଚ୍ଛର ଶୋଭା ବଡ଼ ମନୋହର
ସଭିଙ୍କର ସେ ଆଦର ।

ନଦୀ ନାଳ ବିଲ  ପୋଖରୀ ପୂରିଲା
ଜଳ ଉସ୍ତ ଗଲା ଭରି
ଜୀବ ବୃକ୍ଷ ଲତା  ଜୀବନ ପାଇଲେ
ଗ୍ରୀଷ୍ମେ ଯାଇଥିଲେ ମରି ।

ଚାଷୀ ଭାଇ ମନ  ହରଷ ହୁଅଇ
ଦେଖି ବରଷାର ବାରି
ସଅଳ ସଅଳ  କ୍ଷେତ ବାଡ଼ି କାମ
ସାରିବ ନକରି ଡେରି ।

ଯୋଗାଇବ ଦାନା ସାରା ଜଗତକୁ
ମୁଣ୍ଡ ଝାଳ ତୁଣ୍ଡେ ମାରି
କିଏ ସେ ବା' ବୁଝେ  ତା' ଦୁଃଖ ଯନ୍ତ୍ରଣା
ସବୁ ଦିଅନ୍ତି ପାସୋରି ।

ରଜ ମଉଜକୁ  ରଥ ଯାତରାରେ
ଆନନ୍ଦ ଦିଅଇ ଭରି
ଅବତାରି ପ୍ରଭୁ  ନେଲେ ଅବତାର
ବର୍ଷା ଯାଏ ଅପସରି ।

ଜଳ ବିନା ଅଟେ ଜୀବନ ଯେ ହାନି
'ଅତି' ଜଳ ଭୟଙ୍କର
ସବୁ କ୍ଷେତ୍ରେ 'ଅତି'  ଆଣଇ ଦୁର୍ଗତି
ନାଶଇ ସାରା ସଂସାର ।

ଦୁଃଖ ପରେ ସୁଖ  କାନ୍ଦ ପରେ ହସ
ଏହା ଅଟେ ନିରନ୍ତର
ଖରା ଆଣେ ବର୍ଷା  ସଭିଙ୍କ ଭରସା
ବରଷା ଋତୁ ଯେ ସାର ।

ସବୁ ଋତୁ ଠାରୁ  ଏ ବରଷା ଋତୁ
ଅଟଇ ମଙ୍ଗଳକାରୀ
ସୁଖେ ପାଳେ ପ୍ରଜା  ଉଡ଼ାଇ ତା' ଧ୍ୱଜା
ବରଷି ମଧୁର ବାରି ।

ଓଓ

# ପରିବେଶ ବନ୍ଧୁ ଗଛ


## ରମେଶ ଚନ୍ଦ୍ର ନାୟକ


ପରିବେଶ ଆମ ଥିଲେ ପରିଷ୍କାର
ମନ ରହିଥାଏ ସ୍ୱଚ୍ଛ
ସୁନ୍ଦର ଦିଶିବ ଧରଣୀ ଆମର
ଆସ ଲଗାଇବା ଗଛ ।
ଛୋଟ ହେଉ ଅବା ବଡ଼
ପତ୍ର ଫୁଲ ଫଳ ଚେର ମୂଳ ଡାଳ
ଆଉ ଦିଏ କାଠ ଗଡ଼ ।।

ଦୀପେ ଘିଅ ପିଇ ସଳିତା ଜଳଇ
ଅନ୍ୟକୁ ଦିଏ ଆଲୋକ
ଧରା ବକ୍ଷ ନୀର ପାନ କରି ବୃକ୍ଷ
ଦିଏ ଖାଦ୍ୟ ବସ୍ତ୍ର ଯାକ ।
ଆମ ପ୍ରିୟ ବନ୍ଧୁ ସେହି
ଖରା ବରଷାରେ ଅବା ଝାଞ୍ଜି କାଳେ
ଛତା ହୋଇ ଦିଏ ଛାଇ ।।

ମନ ଓ ବିବେକ ଏକାଠି ହୋଇଲେ
ସତ୍ କର୍ମେ ମନ ଝୁରେ
ଆଗେ ନିଜେ ବୁଝି ଅନ୍ୟକୁ ବୁଝାଅ
ଗଛ ଲଗାଇବା ବାରେ ।
ବାଡ଼ି ଅବା ରାସ୍ତା କଡ଼େ
ପୋଖରୀ ହୁଡ଼ାରେ ଗୋଚର ଭୂଇଁରେ
ନଦୀ ପଠା ଜମି ଆଡ଼େ ।।

ଜୀବନ ପାଇଁକି ଯାହା ଯାହା ଲୋଡ଼ା
ଗଛ କରିଥାଏ ଦାନ
ନିଜେ ବିଷ ପିଇ ଅମୃତ ଦିଅଇ
ପ୍ରାଣ ପାଇଁ ଅମ୍ଳଜାନ ।
ଦାନ ତା'ର ଶ୍ରେଷ୍ଠ ଗୁଣ
ପ୍ରତି ଅଙ୍ଗ ତା'ର ଜୀବ ପାଇଁ ସାର
ମାଟି କରେ ସଂରକ୍ଷଣ ।।

କୀଟ ପଶୁ ପକ୍ଷୀ ଆଶ୍ରୟ ଲଭନ୍ତି
ଗଛ ମୂଳେ ଅବା ଡାଳେ
ରୋଗ ବଇରାଗେ ପଥ୍ୟ ଦେଇଥାଏ
ଆମ ପାଇଁ କାଳେ କାଳେ ।
ବରଷାର ସୃଷ୍ଟି କର୍ତ୍ତା
ସୃଷ୍ଟି ବଞ୍ଚାଇବା ଗଛ ଲଗାଇବା
ସଭିଙ୍କୁ ଦେବା ଏ ବାର୍ତ୍ତା ।।

ꣲꣲ


**ରମେଶ ଚନ୍ଦ୍ର ନାୟକ**, ବି.ଏସ୍‌ସି.; ଡି.ଆଇ.ଏମ୍, ଉପ ବିଭାଗୀୟ ଅଧିକାରୀ, ଓଡ଼ିଶା ସରକାରୀ ଛାପାଖାନା, କଟକ । ହଜି ଯାଉଥିବା ଶିଶୁ ସାହିତ୍ୟ ସୃଷ୍ଟିରେ ବିଶେଷ ରୁଚି । ପ୍ରକାଶିତ ପୁସ୍ତକ: ସୂର୍ଯ୍ୟାଲୋକ (୧୯୯୯), ବାଲ୍ୟ ଦର୍ପଣ (୨୦୦୯), ପିଲାଙ୍କ ଦୁନିଆ (୨୦୧୮) ଶିଶୁ କବିତା । ବହୁ ପ୍ରବନ୍ଧ, ଗୀତ, କବିତା ତଥା ଅନେକ ସ୍ତମ୍ଭ ଖବରକାଗଜ ଓ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ । ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ସମ୍ମାନିତ । କଟକରେ ରହନ୍ତି ।


ꣲꣲ

# ଗୌରବମୟୀ ଆମର ଏ ଉତ୍କଳ


## ତପତି ପାଣିଗ୍ରାହୀ


କେଡ଼େ ମନୋରମ ଗୌରବମୟୀ
ଧନ୍ୟ ଉତ୍କଳ ଆମର,
ତା ଗିରି କାନନ ପ୍ରକୃତିର ଦାନ
ତୁଳନା ନାହିଁ ତାହାର ।
ଆମ ମାଟି ଆଜି ଗର୍ବକରେ କେତେ
ମହାମନିଷୀଙ୍କ ପାଇଁ,
ଚିର ସ୍ମରଣୀୟ ତାଙ୍କ କଳାକୃତି
ରହିଛି ଅଭୁଲା ହୋଇ ।
ସ୍ୱତନ୍ତ୍ର ପ୍ରଦେଶ ଗଢ଼ିବାକୁ ସିଏ
ଦେଖୁଥିଲେ କେତେ ସ୍ୱପ୍ନ,
ସାକାର କରିଲେ ତାଙ୍କର କର୍ତ୍ତବ୍ୟ
ରହିଛି ଅଲିଭା ଚିହ୍ନ ।
ଆମ ଏ ଉତ୍କଳ ରହିଥିଲା ଦିନେ
ଅନ୍ୟ ରାଜ୍ୟ ସଙ୍ଗେ ମିଶି,
ପରାଧୀନତାରୁ ମୁକୁଳାଇ ଦେଇ
ଚାଲିଗଲେ ହସି ହସି ।
ମନ୍ଦିର ମାଳିନୀ ଏ ପୁଣ୍ୟ ମାଟିରେ
ଚିର ସ୍ରୋତସ୍ୱିନୀ ବହେ,
ପଦ ଧୌତ କରେ ବଙ୍ଗୋପସାଗର
ପୂର୍ବ ଗାଥା କାନେ କହେ ।
ସେ ପୂର୍ବ ପୁରୁଷ ସୃଷ୍ଟି କରତାଙ୍କୁ
ଭୁଲିବାନି ଆମ୍ଭେମାନେ,
ତାଙ୍କରି ଆଶୀଷେ କର୍ତ୍ତବ୍ୟ ପଥରେ
ଆଗେଇବା ସସମ୍ମାନେ ।

୦୦

# ନିଜକୁ ନିଜେ ସଜାଡ଼ିବା

**ତପତି ପାଣିଗ୍ରାହୀ**

ବିଧିର ବିଧାନ        କେ କରିବ ଆନ
        ସବୁ ତ କରମ ଫଳ,
ଏହା ଭାବି ଭାବି      କୁକର୍ମ କରିଲେ
        ଫଳ ହୁଏ ନାହିଁ ଭଲ।
ନିଜ କର୍ମ ପାଇଁ       ଅନ୍ୟ ଦୋଷ ଦେଲେ
        ଘଟେ ସବୁ ଅମଙ୍ଗଳ,
ନିଜେ ନିଜ ପାଇଁ      ଶତ୍ରୁ ସଜିବାଟା
        ହୋଇଯାଏ ନିଜ କାଳ।
ପର ନିନ୍ଦା କଲେ    ଅପଯଶ ମିଳେ
        ସଦା ଲାଗେ ମାଡ଼ ଗୋଳ,
ମୁଖେ ଭଲ କହି     ବିପଦେ ପକାନ୍ତି
        ଏହା କୁମତିଙ୍କ ଖେଳ।
ମନକୁ ଆୟତ୍ତ      କରି ନ ପାରିଲେ
        ଅଶାନ୍ତି ଯେ ମାଡ଼ି ଆସେ,
ଠିକ୍ ବେଳରେ    ଦଣ୍ଡ ତାକୁ ମିଳେ
        କେହି ନ ଆସନ୍ତି ପାଶେ।
ଭଲ କାମ କରି    ଅନ୍ୟର ହିତରେ
        ଚିତ୍ତ ରଖୁଥିଲେ ସଦା,
ଜୀବନରେ କେବେ   କ୍ଷତି ହୁଏ ନାହିଁ
        ଲାଗେ ନାହିଁ କିଛି ବାଧା।

ଭାବି ଚିନ୍ତି ଆମେ    ଆଗକୁ ବଢ଼ିବା
        ନ୍ୟାୟରେ ଚାଲିବା ବାଟ,
ସତ୍ୟରେ ବିଜୟ    ହୋଇବ ନିଶ୍ଚୟ
        ଦୂର ହେବ ସବୁ କଷ୍ଟ।
ଜଣେ ଧନୀ ଯଦି    ଜଣେ ଅଭାବୀର
        ଦାୟିତ୍ୱ ବହନ କରେ,
ଦୁନିଆରେ କେହି    ଅଭାବରେ ଦିନ
        କାଟିବେନି କେଉଁଠାରେ।
ଟଙ୍କା, ସୁନା କେବେ     ଚିରସ୍ଥାୟୀ ନୁହେଁ
        ବିବେକୀ ହିଁ ବୁଝିପାରେ,
ସେ ଏକା ମଣିଷ     ଏହି ଦୁନିଆଁରେ
        ସୁଖ, ଶାନ୍ତି ଭୋଗ କରେ ।
ଧନ, ଯୌବନ       କ୍ଷଣସ୍ଥାୟୀ ଅଟେ
        ଜାଣିଛନ୍ତି ଆମ୍ଭେମାନେ,
ତଥାପି ଲୋଭର    ବଶବର୍ତ୍ତୀ ହୋଇ
        ଛାଡ଼ି ନ ପାରନ୍ତି କ୍ଷଣେ ।
ନିଜେ ଭଲ ହୋଇ    ଅନ୍ୟକୁ ସଜାଡ଼ି
        ଆତ୍ମ ସନ୍ତୋଷ ଲଭିବା,
ପ୍ରଶଂସା ପତ୍ରରୁ     କ୍ଷଣିକ ସୁଖକୁ
        ଅନ୍ତରୁ ପାଶୋରି ଦେବା ।

ଠଠ

# ଖୁସିରେ ଜୀବନ ଜିଇଁବା

## ତପତି ପାଣିଗ୍ରାହୀ

ଜଗତରେ ଶ୍ରେଷ୍ଠ ମଣିଷ ଜୀବନ,
ଜୀବନ ଆମର ସବୁଠୁଁ ମହାନ ।

ଜଗି ରଖି ବେଳୁ ହେବା ସାବଧାନ,
ଜିଇଁବା ଜୀବନ ରାଜାଙ୍କ ସମାନ ।

ଜାରି ରଖୁଥିବା ଶାରୀରିକ ଶ୍ରମ,
ଜପ, ପ୍ରାଣାୟାମ, ଆସନ, ବ୍ୟାୟାମ ।

ଜୀବନେ ଆସିବ ଉତ୍ଥାନ, ପତନ,
ଜାଳି ଦେବା ନାହିଁ ନିଜର ସମ୍ମାନ ।

ଜୀବନ ଗଢ଼ିବା କର୍ତ୍ତବ୍ୟ କରିଣ,
ଜନ ସ୍ୱାସ୍ଥ୍ୟରେ ଯେ ଲଗାଇବା ମନ ।

ଜୀବିକାକୁ ଆମେ ବଞ୍ଚାଇ ରଖିବା,
ଜୀବ ଜନ୍ତୁଙ୍କର ଯତ୍ନ ନେଉଥିବା ।

ଜଙ୍ଗଲର ସୃଷ୍ଟି ଆମେ ହିଁ କରିବା,
ଜଳବାୟୁ ଆମେ ସୁଧାରିଣ ଦେବା ।

ଜଡ଼ି, ବୁଟି, ଖାଇ ନିରୋଗ ରହିବା,
ଜରା, ବ୍ୟାଧି ସବୁ ଆମେ ଭୁଲିଯିବା ।

ଜେଜେ ବାପା'ମା, ପିତାଙ୍କ ସାଙ୍ଗରେ,
ଜାୟା, ଜନନୀଙ୍କୁ ରଖିବା ଶାନ୍ତିରେ ।

ଜମିଯିବ ଆମ ସୁଖର ସଂସାର,
ଜଞ୍ଜାଳ, ବିପଦ ହୋଇଯିବ ଦୂର ।

ꝏꝏ

**ତପତି ପାଣିଗ୍ରାହୀ,** ଶିକ୍ଷୟିତ୍ରୀ, ଭୁବନେଶ୍ୱର । ଦେଶର ବିଭିନ୍ନ ରାଜ୍ୟରେ ଶିକ୍ଷାଦାନ କରିବାର ସୁଯୋଗ ପାଇଛନ୍ତି । ଅନାଥ ଆଶ୍ରମ ପିଲାଙ୍କୁ ଏବଂ ମେଧାବୀ ତଥା ଆର୍ଥିକ ଅନଗ୍ରସର ପିଲାଙ୍କୁ ବିନା ପାରିଶ୍ରମିକରେ ଶିକ୍ଷା ଦାନ କରନ୍ତି । ଚକ୍ଷୁହୀନ ଏବଂ ବିକଳାଙ୍ଗ ପିଲାଙ୍କୁ ବିଦ୍ୟାଦାନ ସହ ହସ୍ତକଳା ଓ ଚିତ୍ରାଙ୍କନ ଇତ୍ୟାଦି ଶିଖାନ୍ତି । ପରିବେଶର ସୁରକ୍ଷା ପାଇଁ ବିଭିନ୍ନ ବିଦ୍ୟାଳୟରେ ବୃକ୍ଷ ରୋପଣ କରନ୍ତି । ଅବସର ସମୟରେ ଛୋଟପିଲାଙ୍କ ପାଇଁ ଶିଶୁ କବିତା, କ୍ଷୁଦ୍ର ଗଳ୍ପ, ଭଜନ ଇତ୍ୟାଦି ଲେଖିଆସୁଛନ୍ତି । ବିଭିନ୍ନ ପତ୍ରପତ୍ରିକାରେ ଲେଖା ପ୍ରକାଶିତ ।

ꝏꝏ

# Geo wonders of Iceland

Subas Pradhan



Northern Lights!!



Thingvellir National Park, in the golden triangle, Iceland. The gap is due to intercontinental shift of Eurasian and Northern Amerian tectonic plates!



Haukaralur Geothermal field, on the way to Vik, Iceland



Skogafoss, a meditative medium sized fall on the way to Vik, Iceland. Foss in Icelandic language means a ‘waterfall’.

∞∞

Dr Subas Pradhan, MD, is a psychiatrist in Milton Keynes, UK. He has vast experience of clinical practice in India, Australia, and UAE, with a keen interest in medical teaching and research. His hobbies include creative writing and public speaking. He likes travelling and photography. The series of photos published here are from his visit to Iceland.

∞∞

# Waiting for him

## Bandana Sahoo

His love is lost today
In the smoke of cow dust
Something the river is decorated with flowers
Many of them are tangled in flowers
That lush green forest.

Under the hood
He calls out to me every day
To build a house across the river.

Ever in the lust of swollen queen
His jaw rises
The end of the wait is overwhelming
Sometimes it is the day of remembrance
And sometimes it is a waiting guest.

She becomes a slave in the servant's company
The heat of that summer
No ...!!
It isn't the gentle passion of that morning.

Waiting for him
Here the bird rises
It seems that all the fingers are covered in sand
The twinkling light area of that dark night

I am still waiting for him
A helpless limb lying
In the foggy limb of memory
He will come,
In his bewildered sky
The sand of his chest landed with me
And somewhere to build a house
In an unknown area.

∞∞

# Stale rose

## Bandana Sahoo

Darkness will be removed
The mountain will open
He will also rise
from the bed of hypocrisy
Lies shrouded
In deceit from love.

Where he and his fragrance are not there
Just be
Entwined in thorns
The scent of a faded rose.

He will collapse and die
Pieces on that floor
Dreams are divided into two parts
Something inside you
Something in me.

∞∞

# Once again


## Bandana Sahoo


Once Again
Across the border
We will be together
Far away from every compulsions
In a new journey
Where there will be rain of love
Some on you and some on me.

The sky will wake up
The clouds will rain
In the coincidence of the entire universe
The heaven will also arrive.


With the sound of birds,
Flowers will bloom in the tree
The gathering of love will be fragrant
In the shadows of all the blessings
Our wishes will be adorned
That no one can separate us at all.

∞∞

**Bandana Sahoo** writes under a pen name of "Shibangi Dhara". She writes in Odia, English and Hindi languages. Besides poems, she also writes other types of creative articles. She lives in Jajpur, India.

∞∞


# ପୁସ୍ତକ ପରିଚୟ




**ନୀଳକଣ୍ଠ ମିଶ୍ର, ବ୍ରିଟେନ୍‌ର ସମାଜ ଓ ସଂସ୍କୃତି, [ପ୍ରକାଶିକା: ପ୍ରତିମା ମିଶ୍ର, ବ୍ଲାକବର୍ଣ, ୟୁକେ, ୨୦୧୫ ]**

ଡାକ୍ତର ନୀଳକଣ୍ଠ ମିଶ୍ର ଓଡ଼ିଶାର ଦିଗପହଣ୍ଡିରେ ଜନ୍ମଗ୍ରହଣ କରିଥିଲେ ଓ କଟକରୁ ଡାକ୍ତରୀ ପଢ଼ିବାପରେ ଉଚ୍ଚଶିକ୍ଷା ପାଇଁ ବ୍ରିଟେନ ଯାଇ ସେଠାକାର ଜାତୀୟ ସ୍ୱାସ୍ଥ୍ୟ ସେବା ସଂସ୍ଥାରେ କାମ କରିଥିଲେ । ବ୍ରିଟେନ୍‌ରେ ଚାରି ଦଶକରୁ ଊର୍ଦ୍ଧ୍ୱ ସମୟ ଅବସ୍ଥାନ କରିବା ସମୟରେ ସେ ଦେଶର ଅଧିବାସୀମାନଙ୍କର ଇତିହାସ, ଗଣତାନ୍ତ୍ରିକ ସମାଜ ବ୍ୟବସ୍ଥା ଓ ସଂସ୍କୃତିର ଅଧ୍ୟୟନ କରିବା ସହିତ ସେଠାକାର ସାହିତ୍ୟ, କଳା, ସଙ୍ଗୀତ, ଓ ନାଟକ ସମ୍ବନ୍ଧରେ ଲାଭ କରିଥିବା ଅଭିଜ୍ଞତା ସବୁକୁ ଏ ପୁସ୍ତକରେ ବିଶଦ ଭାବେ ବର୍ଣ୍ଣନା କରିଛନ୍ତି ।

# ପୁସ୍ତକ ପରିଚୟ




**ଅଜୟ କୁମାର ମିଶ୍ର, ଓଡିଆ ଲୋକ ସଂସ୍କୃତି ଶବ୍ଦକୋଷ, ପ୍ରକାଶକ: ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ୨୦୦୮.**

ଓଡ଼ିଆ ଭାଷାରେ ଅନେକ ଶବ୍ଦକୋଷ ସଂକଳିତ ହୋଇଥିବା ବେଳେ ଓଡ଼ିଆ ଲୋକ ସଂସ୍କୃତି ସହ ସମ୍ପୃକ୍ତ ଶବ୍ଦାବଳୀକୁ ନେଇ ସଂକଳିତ ଏ ପୁସ୍ତକ ଏ ଦିଗରେ ପ୍ରଥମ ପ୍ରୟାସ । ସମୟର ପ୍ରବାହ, ସାମାଜିକ ଓ ସାଂସ୍କୃତିକ ପ୍ରେକ୍ଷାପଟ୍ଟର ପରିବର୍ତ୍ତନରେ ପରମ୍ପରାପୁଷ୍ଟ ଓଡିଆ ଲୋକ ସଂସ୍କୃତିରେ ଅନେକ ପରିବର୍ତ୍ତନ, ମିଶ୍ରଣ ସଂଘଟିତ ହୋଇଛି, ହେଉଛି ଏବଂ ହେବାରେ ଲାଗିଛି । ଲୋକ ସଂସ୍କୃତି ସହ ସଂଲଗ୍ନ ଅନେକ ଶବ୍ଦ ଅବଲୁପ୍ତପ୍ରାୟ । ଏହି ବିଭବ ସବୁର ପୁନରୁଦ୍ଧାର ପାଇଁ ଏ ପୁସ୍ତକର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଉକ୍ତ ଶବ୍ଦକୋଷରେ 'ଅ' ଠାରୁ 'କ୍ଷ' କ୍ରମରେ ଶବ୍ଦକ୍ରମ ରକ୍ଷା କରାଯାଇ କେବଳ ଲୋକସଂସ୍କୃତି ସଂପୃକ୍ତ ଶବ୍ଦଗୁଡିକର ଚର୍ଚ୍ଚା କରାଯାଇଛି । **ଡକ୍ଟର ଅଜୟ କୁମାର ମିଶ୍ର**, ପିଏଚ୍.ଡି, ଡିଲିଟ୍, ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡିଆଭାଷା ସାହିତ୍ୟରେ ଅଧ୍ୟାପନା ସହ ଓଡିଆ ଲୋକସଂସ୍କୃତି ଉପରେ ଗବେଷଣା ଓ ଏସବୁକୁ ବିଭିନ୍ନ ମଞ୍ଚରେ ଉପସ୍ଥାପନା କରି ଆସୁଛନ୍ତି ।

# Srujan: The Creativity Journal
# ସୃଜନ: ଦି କ୍ରିଏଟିଭିଟି ଜର୍ଣ୍ଣାଲ

## Information about the journal

ସୃଜନ : ଦି କ୍ରିଏଟିଭିଟି ଜର୍ଣ୍ଣାଲ [The Srujan: The Creativity Journal (SCJ) **ISSN 2976-9329]** is an endeavour to showcase creative excellence from Odisha and promote it worldwide. This will include Poetry, Short Stories, Paintings, Photography, Dance, Sculpting and any other creative outputs. It is an attempt to put together the choicest creative articles in Odia Literature and creativity in other artistic expressions linked to Odisha for an international readership; with an aim of propagating, promoting Odia literature and creativity worldwide.

### Articles

Articles of creative writing (poems, short stories, paintings, sculpting, dance, photographs, and other art forms etc.) related to Odisha are included in this International Journal. It is designed to be a multilingual journal. Translations from different languages to Odia and from Odia to other languages (with written permissions from original copy right holder) are also accepted. Articles from authors connected to Odisha who are writing in other languages are also welcome (preferably in English).

Journal also encourages readers to suggest a good piece of creative writing or art of an author or creator to be included in this journal.

### Periodicity

At the moment it is thrice a year: **April, August and December**. The frequency may increase. There is provision of special issues occasionally.

### Publication Ethics

It is important that the authors need to adhere to the publication ethics. If plagiarism or any other unethical practice is brought the notice of the editorial board, a process will be followed and the article will be retracted and the readers will be informed. Readers are encouraged to report plagiarism or any unethical practice to the editorial board. Authors will remain responsible for any conflicts about their submission. Editorial board or the publishers will not have any liability.

## Instruction to authors

### Type of articles

**Poems:** Minimum 3 and up to 5 short poems can be submitted. Shorter poems with less than 20 lines are better.

**Short stories:** Only one short story can be submitted at a time, preferably in around 2000 words or less.

**Painting:** One or more paintings can be presented, along with a write up about the paintings, title, and theme, method of painting and about the painter. High quality JPEG files are needed.

**Photographs:** Artistic photographs can be submitted, one or more at a time, along with a write up about them. Photographs of creative sculptures can also be submitted. Photographs should be in high resolution JPEG files.

**Photographs of dance / dancer / with explanations**

**Photographs of sculptures / sculpting**

**Biography of famous creators in history:** Article on a creative person, detailing their creative achievements, and background can be submitted with relevant photographs. These articles are expected to be no more than 500 words.

**Book and Magazine Reviews:** short write ups up to 200 words with specific information.

### Preparation of the manuscript

Articles should be prepared in MS Word, any editable Font (Unicode font, e.g Kalinga). Please check spellings, and avoid objectionable content. Save the file in **your name and the type of article** (e.g. Ramnath Lenka - Poem)

### Please provide these details

1. Author name* [if you use a pseudonym, please provide actual name, address and phone number]
2. Address: Current place of residence, State/Country*
3. Author biography (around 50-100 words) Example style: Name Surname, Artistry, usual work, … etc. …],* Please make it in one paragraph, to be written in third person providing specific information.
4. Email*
   *[Please note: Articles sent from your email will be considered as your confirmation that it is your original article, and you will be solely responsible for any dispute or copyright violation.]*

5. Phone/WhatsApp (*not to be published*)
6. The details previous publication (if any) of submitted article: name of the magazine/newspaper where published, Year (date). *If published earlier, please ensure that, if needed, you have authority to republish or have written permission from the original publisher / copyright holder to republish.*
7. Title of the article
8. Content of the article
9. If submitting photographs of paintings, sculptures or artistic photography, etc., these should be given in high resolution JPEG files separately. JPEG file names should have the name of the author/contributor.

**Book and Magazine Reviews**

Srujan publishes **Book Reviews** in its issues to popularise books related to Odisha, Odia and translated literary / creative works. Interested authors, editors and publishers may send two copies of the book or an eCopy for review. Along with the book, please send following information by email to srujan.journal@gmail.com: 1 Title of the book: 2. Author full name: 3. Publisher and address: 4. Publication place: 5. Publication year: 6. Book availability: 7. Any Internet link to order the book and 8. Cover page photo of the book in JPEG. In addition any specific points about the book that should be considered for inclusion in review can be mentioned.

Srujan publishes **Magazine Reviews** in its issues to popularise magazines related to Odisha and Odia. Interested Editors and publishers may send two copies of the magazine or an eCopy for review. Along with the magazine, please send following information by email to srujan.journal@gmail.com: 1. Title of the magazine: 2. Full name of Editors: 3. Publisher and address: 4. Publication place: 5. Publication frequency: 6. Any link to order the magazine; 7. Cover page photo of the Magazine in JPEG. Along with these, any specific points about the magazine that should be considered for inclusion in review and article submission email or address can be provided.

***Address to send the books and magazines:***

**Editor, Srujan, 60 Highfield Drive, Epsom, KT19 0AP, London, UK.**

However, if required, the books and magazines can be sent to: Srujan, 130, Ratnakar Bag, Bhubaneswar, 751018, India.

## Submission of articles

**Articles are submitted by email**. srujan.journal@gmail.com or srujan@instituteofinsight.org Communication regarding outcome of the article (acceptance or rejection) will be communicated in a reasonable time frame or within 3-6 months. The scope of additional communication is limited, considering that the project is supported by volunteers.

## Selection process

Some articles are invited. All other submitted articles are subjected to a review process (mostly double-blind / anonymous without the identities of authors or reviewers disclosed). Following review, based on the reviewers' feedback, articles are selected for publication. Editors facilitate the overall process. Articles with objectionable content that may hurt the sentiments are rejected. Articles without adequate info on the 'author instructions' will not be processed further. Please check for spelling mistakes, typographical issues before submission. Editors' decisions are final.

## Copyright

Authors retain the copyright. The articles are published under suitable CreativeCommons License. Authors can submit their articles published in the past, if they hold the copyright, or have written permission from the previous publisher to republish. In the latter case the authors need to provide the written permission from the original copyright holder.

## Open access

The journal is open access. There are no publication fees for the authors; and it is freely available for the readers, with support from the Institute of Insight, UK.

---

## Template / Checklist for submission

**Author contact details:** Author name / Address: place, State/Country, / Email / Phone (not to be published)

**Author biography** (50-100 words) Please provide it in a paragraph. Examples of content (not mandatory) to include: Medium of creative expression, Education, Work, Leisure work, Published book titles, Recognitions / awards, Few lines about your creativity, Few lines about yourself

**Title of article**

**Content of the article**

Photographs for articles (paintings, photographs, sculptures etc.) should be given in high resolution JPEG files separately. File name should have the name of the author/contributor.

## Quality of Life Research and Development Foundation

Quality of Life Research and Development Foundation (QoLReF) is involved in improving Quality of Life through Evidence Based Methods. Its mission statement is: “Improving Life through Evidence and Experience.”

The Foundation is a conglomerate of various disciplines involved in research and developmental activities to improve the 'Quality of Life'. It brings together the scientific and socio-cultural understandings to the awareness and utility of the public. Experts from various disciplines support the activities of the QoLReF. The foundation, through interactive ways helps in sharing the knowledge and experience improving the quality of life in general. It is registered as a charity organization, with scientific, sociocultural and service oriented objectives.

**The Institute of Insight, UK**

**[A non-profit organisation]**

The Institute of Insight is a non-profit organisation with an objective to advance education, promote health and creativity to improve quality of life by providing opportunities for lifelong learning, training, appropriate services, research, and publications for the benefit of general public and professionals worldwide.

The Institute is working in partnership with **Quality of Life Research and Development Foundation (QoLReF)** and **Geriatric Care and Research organisation (GeriCaRe)** which are academic and charitable organisations supported by resource persons worldwide.

The Institute of Insight is currently supporting various public education initiatives, research related works and publications. It is contributing to the Healthy Ageing Conference a public education event in India, for elderly people and their caregivers. It sponsors publication of Journal of Geriatric Care and Research, Srujan, The Creativity Journal, which are freely available to general public and professionals.